ଖ୍ରୀଷ୍ଟଦାସ ସଞ୍ଚୟନ

by srujanika@gmail.com

ଖ୍ରୀଷ୍ଟଦାସ ସାଙ୍ଗ୍ରସ୍ତୁକ

ସ୍ୱର୍ଗତ ଖ୍ରୀଷ୍ଟଦାସ ମହାନ୍ତି

Digitized by srujanika@gmail.com

● ରଚନା— ଖ୍ରୀଷ୍ଟଦାସ ମହାନ୍ତି

● ସମ୍ପାଦକ— ବୃନ୍ଦାନନ୍ଦ ଦାସ
(ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ)

● ପ୍ରକାଶକ— ଓଡ଼ିଶା ଖ୍ରୀଷ୍ଟିୟାନ ସାଂସ୍କୃତିକ ପରିଷଦ

● ପ୍ରଥମ ପ୍ରକାଶ— ୮ । ୭ । ୭ । ୧୯୬୪

CHRISTADASA
SANCHAYANA
Christa Dasa Mohanty

● ମୁଦ୍ରକ— ଅଶୋକ ପ୍ରେସ, କେନ୍ଦ୍ରାପଡ଼ା

● ମୂଲ୍ୟ— ଛ'ଟଙ୍କା ମାତ୍ର

Digitized by srujanika@gmail.com

ଖ୍ରୀଷ୍ଟଦାସ ସଞ୍ଚୟନ

Digitized by srujanika@gmail.com

କବି ଶ୍ରୀଷ୍ଟଦାସ ମହାନ୍ତ

Digitized by srujanika@gmail.com

ମୁଖବନ୍ଧ

ଆଧୁନିକ ଓଡ଼ିଶା ଖ୍ରୀଷ୍ଟୀୟ- ସଂସ୍କୃତିର ଯାହା ଅବଦାନ ତନ୍ମଧ୍ୟେ ଅତ୍ୟୁକ୍ତି ହେବ ନାହିଁ । ଭାଷା, ସାହିତ୍ୟ, ଶିକ୍ଷା, ଚିକିତ୍ସା, ସେବା ପୁଣି ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କର ଆଧୁନିକ ଧାରା ଏ ଦେଶରେ ଖ୍ରୀଷ୍ଟଧର୍ମୀମାନଙ୍କର ଉଦ୍ୟମ ଫଳରେହିଁ ସମ୍ଭବ ହୋଇପାରିଛି । ସେ ସବୁର ବିସ୍ତୃତ ଆଲୋଚନା ଅନ୍ୟ ଏକ ପ୍ରବନ୍ଧର ଅପେକ୍ଷା ରଖେ । ଖ୍ରୀ ୧୮୨୨ରୁ ଓଡ଼ିଶାରେ ଖ୍ରୀଷ୍ଟ ସଂସ୍କୃତିର ପ୍ରସାର ପାଇଁ ଦଶଟି ମିଶନ୍ କାର୍ଯ୍ୟ କରିଥିଲେହେଁ ତାର ପୂର୍ବରୁ ଅର୍ଥାତ୍ ଖ୍ରୀ ୧୮୦୯ରୁ ଓଡ଼ିଆ ସାହିତ୍ୟରେ ଖ୍ରୀଷ୍ଟୀୟ ଚେତନା ଅନୁପ୍ରବେଶ କରି ସାରିଥିଲା । ଏଣୁ ସେହି ସମୟଠାରୁ ଅର୍ଥାତ୍ ଖ୍ରୀ ୧୮୦୯ଠାରୁ ଆଜଯାଏ ସମଗ୍ର ଓଡ଼ିଆ ସାହିତ୍ୟରେ ଖ୍ରୀଷ୍ଟୀୟ ଚେତନାର ଜୀବନ୍ତ ଧାରା ପ୍ରବାହିତ ହୋଇ ଆସିଛି, ଏହାକୁ ଓଡ଼ିଆ ଖ୍ରୀଷ୍ଟୀୟ ସାହିତ୍ୟ ବୋଲି ଅଭିହିତ କରିବା ଯୁକ୍ତିଯୁକ୍ତ । ଦୁଃଖର କଥା, ଏ ସାହିତ୍ୟ ପରମ୍ପରାର ଇତିହାସ ଉପରେ ଏଯାଏଁ ବିଶେଷ ଆଲୋଚନା ହୋଇ ନ ଥିବାରୁ ପୁଣି ଖ୍ରୀଷ୍ଟୀୟ ସାହିତ୍ୟର କୌଣସି ଶୋଭମାଣ୍ଡ ସଂକଳନ ଏଯାଏଁ ପ୍ରକାଶ ପାଇ ନଥିବାରୁ, ତାର ଗୌରବମୟ ସ୍ୱରୂପ ସମ୍ପର୍କରେ ଓଡ଼ିଶାର ବୁଦ୍ଧିଜୀବୀ ସଚେତନ ନୁହଁନ୍ତି । ପ୍ରଥମେ ଓଡ଼ିଆ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ ସାହାଯ୍ୟରେ ଉଇଲିୟମ କେରି ଶ୍ରୀରାମପୁର ମୁଦ୍ରଣାଳୟରୁ ଖ୍ରୀ ୧୮୦୯-୧୭ ମଧ୍ୟରେ ସମସ୍ତ ଓଡ଼ିଆ ବାଇବେଲ ଓ କେତେକ ସାହିତ୍ୟକୃତି ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ଆଚାର୍ଯ୍ୟ ଆମୋସ ସଟନ୍, ଆଚାର୍ଯ୍ୟ ଲେସୀ,

Digitized by srujanika@gmail.com

ରାମଚନ୍ଦ୍ରଙ୍କ ପଚକ ଗୋଟେର ଧଡ଼ଙ୍ଗୀ, ଗଙ୍ଗାଧର ରଥ, ମୁକୁନ୍ଦ ଦାସ, ଦାନିଏଲ ମହାନ୍ତି, କାର୍ତ୍ତିକ ସାମଲ, ଶେମ ସାହୁ, ଜନ୍ ଚନ୍ଦ୍ରଶେଖର ପ୍ରହରାଜ, ଖ୍ରୀଷ୍ଟଦାସ ମହାନ୍ତି, ଯନାର୍ଦନ ମହାନ୍ତି, ବ୍ରଜାନନ୍ଦ ମହାନ୍ତି, ଅନନ୍ତ ଦାସ, ଜଗନ୍ମୋହନ ପଟ୍ଟନାଏକ, ଏଲ୍ ଖ୍ରୀଷ୍ଟିୟାନ, ପ୍ରଫୁଲ୍ଲ କୁମାର ପାଢ଼ୀ, ରାଧାମୋହନ ଦାସ ଆଦି ଖ୍ରୀଷ୍ଟୀୟ ସାହିତ୍ୟର ସାର୍ଥକ ସ୍ରଷ୍ଟା ଭାବେ ସ୍ମରଣୀୟ । ଆମୋସ୍ ସଟନ୍‌ଙ୍କୁ ଡକ୍ଟର ନଟବର ସାମନ୍ତରାୟ ଆଧୁନିକ ଓଡ଼ିଆ ଗଦ୍ୟର ଆଦି ସ୍ରଷ୍ଟା ଓ ଆଦି ସଂସ୍କାରକ ଭାବେ ସମ୍ମାନ କାଢ଼ିଛନ୍ତି । ତାଙ୍କର ରଚିତ ବହୁ କବିତା ଅଦ୍ୟାବଧି ପ୍ରକାଶ ପାଇନାହିଁ । ଏହି ଖ୍ରୀଷ୍ଟୀୟ ସାହିତ୍ୟ ଆଜି ସୁଦ୍ଧା ବହୁ ଉଚ୍ଚକୋଟିର ସ୍ରଷ୍ଟାଙ୍କ ଦ୍ୱାରା ସମୃଦ୍ଧ ହୋଇ ଚାଲିଛି । ଅତୀତର ଜ୍ଞାନାରୁଣ, ପ୍ରବୋଧ ଚନ୍ଦ୍ରିକା, ଅରୁଣୋଦୟ, ତାରକା, ଶୁଭବାର୍ତ୍ତା, ପ୍ରଭାତ, ଆଲୋକ ଆଦି ପତ୍ର ପତ୍ରିକା ଓ ଅ.ଇର ପ୍ରଭାତୀ ତାରା, ଓଡ଼ିଶା ଖ୍ରୀଷ୍ଟୀୟ ସାଂସ୍କୃତିକ ପରିଷଦର ମୁଖପତ୍ର ସାଂସ୍କୃତିକା, ମୟୂଖ ଓ ସତ୍ୟ ପ୍ରକାଶ ପତ୍ରିକାମାନଙ୍କରେ ସେ ସମସ୍ତ ଧାରାବାହିକ ପ୍ରକାଶ ପାଉଛି ।

ଆଧୁନିକ ଓଡ଼ିଆ ସାହିତ୍ୟରେ ପାପବୋଧ, ଅନୁତାପ, ମନପରିବର୍ତ୍ତନ, ପ୍ରେମ, କ୍ଷମା, ଭ୍ରାତୃତ୍ୱବୋଧ, ପାପୀ ଓ ନିପୀଡ଼ିତଙ୍କ ପ୍ରତି ଆତ୍ମୋତ୍ସର୍ଗର ଅନୁଭୂତି, ଏକେଶ୍ୱର ଓ ନିରାକାରଙ୍କ ବନ୍ଦନା ଆଦି ଖ୍ରୀଷ୍ଟୀୟ ଚେତନା ସମୂହର ପରିପ୍ରକାଶ ଅତି ସ୍ପଷ୍ଟ । ବାଇବେଲ୍‌ର ବହୁ ବାକ୍ୟ, ଚରିତ୍ର, ଗଳ୍ପ, ପ୍ରତୀକ ଓ ଚିତ୍ରକଳ୍ପ ସାଂସ୍କୃତିକ ରଚନାରେ ବ୍ୟବହୃତ ହୋଇଛି । ଯୀଶୁଖ୍ରୀଷ୍ଟ ସାଂପ୍ରତିକ ଓଡ଼ିଆ ସାହିତ୍ୟରେ ଅତି ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି । ଆଧୁନିକ ଜୀବନର ଆବେଗ, ଯନ୍ତ୍ରଣା, କାରୁଣ୍ୟ, ପବିତ୍ରତା ଓ ପ୍ରେମର ଜୀବନ୍ତ ପ୍ରତୀକ ସେ । ତେଣୁ ଆଜିର ସ୍ରଷ୍ଟାଗଣ ତାଙ୍କୁ

Digitized by srujanika@gmail.com

ଅତ୍ୟନ୍ତ ନିକଟର ବୋଲି ଅନୁଭବ କରନ୍ତି, ତାଙ୍କୁ ଜୀବନର ସୁଖ ଦୁଃଖ, ଜୟ ପରାଜୟର ଏକାନ୍ତ ସାଥି ଭାବେ ଗ୍ରହଣ କରନ୍ତି । ତାଙ୍କର ଅନ୍ତର୍ନିହିତ ଯନ୍ତ୍ରଣା ଜର୍ଜରିତ ରୂପ ମଧ୍ୟରେ ବ୍ୟକ୍ତ ଅପୂର୍ବ ପ୍ରେମମୟ ସୌରଭକୁ ଉପଲବ୍ଧି କରି ନିଜ ରଚନାର ବିନ୍ଦୁ ସ୍ଥାନରେ ସ୍ୱଚ୍ଛୋଳିତ କରି ଦିଅନ୍ତି । ଖ୍ରୀଷ୍ଟଙ୍କ ବ୍ୟତୀତ ମେରି, ଆଦମ; ଇଭ୍, ଦାଉଦ, ଇସ୍କାରିୟଟ୍ ଯିହୁଦା, ଲାଜାର, ମଗ୍‌ଦଲୀନୀ ମରିୟମ୍, ମୋଶା, ଅବିଶାଗ, ପିତର, ଆଦି ଚରିତ୍ର ଏବଂ କ୍ରୁଶ, ସପ୍ତପ୍ରଦୀପ ଆଦି ପ୍ରତୀକ ଗୁଡ଼ିକ ଆଧୁନିକ ଜୀବନର ଅଜସ୍ର ଅଭିଜ୍ଞତା ଓ ସୂକ୍ଷ୍ମ ଅନୁଭୂତିକୁ ବିକାଶ ଭାବେ ପରିସ୍ଫୁଟ କରିବାରେ ସାର୍ଥକ ହୋଇପାରୁଥିବାରୁ ସେ ସବୁର ପ୍ରୟୋଗ କରି ଆଜିର ସ୍ରଷ୍ଟା ନିଜ ସୃଷ୍ଟିକୁ ସମୃଦ୍ଧ କରି ଚାଲିଛନ୍ତି ।

ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରବୀଣ ସ୍ରଷ୍ଟା ଖ୍ରୀଷ୍ଟଦାସ ମହାନ୍ତି ପ୍ରକାଶ ଅଭାବରୁ ଆଜି ସୁଦ୍ଧା ଓଡ଼ିଶାର ବୁଦ୍ଧିଜୀବୀ ଓ ସାହିତ୍ୟ ପ୍ରେମୀଙ୍କ ନୟନର ଅଗୋଚରରେ ରହିଥିବା ଅତ୍ୟନ୍ତ ପରିତାପର ବିଷୟ ।

ତାଙ୍କର ରଚନାବଳୀ ପାଠ କଲେ, ସମଗ୍ର ଓଡ଼ିଆ କାବ୍ୟ ଜଗତରେ ସେ ଏକ ଦେଦୀପ୍ୟମାନ ପ୍ରତିଭା—ଏ ଅନୁମାନ ଆସେ ।

ଏହି ଦୀପ୍ତ ପ୍ରତିଭା ତା ୫।୯।୧୮୮୪ ରିଖରେ କଟକସ୍ଥ ପେଣ୍ଟିକ ସାହିରେ ଜନ୍ମ ଗ୍ରହଣ କରି; ତା ୭।୮।୧୯୭୦ରେ ଲେଉଟି ଯାଇଥିଲେ ଦିବ୍ୟଧାମକୁ । ତାଙ୍କର ପିତା ବେଞ୍ଜାମିନ ମହାନ୍ତି ଜଣେ ସାର୍ଥକ କବି ଭାବେ ତତ୍କାଳୀନ ବୁଦ୍ଧିଜୀବୀଙ୍କ ମଧ୍ୟରେ ସମ୍ମାନିତ ହୋଇଥିଲେ । ସେ 'ଦିବ୍ୟ ଚଉତିଶା' ଓ 'ଅନୁତାପୀ'ର ନମସ୍ୟ ସ୍ରଷ୍ଟା ।

Digitized by srujanika@gmail.com

ଖ୍ରୀଷ୍ଟଦାସ ମହାନ୍ତିଙ୍କ ପ୍ରଥମ ନାମ ଥିଲା ସାଇମନ ମହାନ୍ତି, ପରେ ସେ ନିଜ ନାମକୁ ଖ୍ରୀଷ୍ଟଦାସ ମହାନ୍ତି ବୋଲି ପରିବର୍ତ୍ତିତ କରିଛନ୍ତି ଓ ଏହି ନାମରେ ସେ ତାଙ୍କର ସମସ୍ତ ରଚନା ଲେଖିଛନ୍ତି । ପୂର୍ବ ନାମ ଅନୁସାରେ ଗ୍ରାମରେ ସେ ସମସ୍ତଙ୍କର ସାଇମନ ଭାବେ ପରିଚିତ । କଟକ ଜଳଟଦଣ୍ଡୀ ଗ୍ରାମ ମଣ୍ଡାପଡ଼ାରେ ବାସ କରୁଥିବା ଆତ୍ମୀୟ ମନୋରଥର ମହାନ୍ତିଙ୍କର ପୁଅ ନ ଥିବାରୁ ସେ ଖ୍ରୀଷ୍ଟଦାସଙ୍କୁ ପୁଅ କରି ଆଣିଥିଲେ, ସେହିଦିନଠୁ ତାଙ୍କର ଜୀବନର ଅଧିକାଂଶ ମଣ୍ଡାପଡାରେହିଁ ବ୍ୟୟିତ ହୋଇଛି । ମଣ୍ଡାପଡାକୁ ଘେରି ରହିଥିବା ମହାନଦୀର ନୀଳ ସୌନ୍ଦର୍ଯ୍ୟ ଓ କୂଳପାଖରେ ବିସ୍ତୃତ କ୍ଷେତବାଡ଼ି ପୁଣି ଗ୍ରାମରେ ଥିବା ଏକ ଉଚ୍ଚ ପଥର (ଯାହାକୁ ଚୂଲି ପଥର କହନ୍ତି)— ସେ ସମସ୍ତଙ୍କ ଆବେଦନ କବି ମର୍ମକୁ ଶାଣିତ କରି ପାରିଛି । କବି ଏହି ଚୂଲି ପଥର ଉପରେ ବସି ଲେଖି ଯାଇଛନ୍ତି ଅନବଦ୍ୟ କାବ୍ୟ କବିତା ।

ତାଙ୍କର ଶିକ୍ଷାଗତ ଯୋଗ୍ୟତା ଥିଲା ଏଣ୍ଟ୍ରାନ୍ସ ଷ୍ଟାଣ୍ଡାର୍ଡ । ସପ୍ତମ ଶ୍ରେଣୀରୁ ସେ ସାହିତ୍ୟ ରଚନା ଆରମ୍ଭ କରିଥିଲେ, ଶିକ୍ଷକ ଚନ୍ଦ୍ରମୋହନ ମହାରଣା ତାଙ୍କର କବି ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କୁ ଏ ଦିଗରେ ପ୍ରେରଣା ଦେଇଥିଲେ । ଖ୍ରୀ ୧୯୦୪ରେ ସେ ଟେଲିଗ୍ରାଫି ପାସ୍ କରି କେନ୍ଦୁଝରରେ କାର୍ଯ୍ୟ କରିଥିଲେ । ଖ୍ରୀ ୧୯୨୧ରେ କେନ୍ଦ୍ରୀୟ ଜନଗଣନା ବିଭାଗରେ ଓ ଖ୍ରୀ ୧୯୨୫ରେ ଟାଟା ମାର୍ଚେଣ୍ଟ ମିଲ୍‌ରେ ଓ କିଛିକାଳ ମୟୂରଭଞ୍ଜରେ ଫରେଷ୍ଟର ଭାବେ କାର୍ଯ୍ୟ କରି ଯାଇଛନ୍ତି । କବି କେନ୍ଦୁଝରରେ କାର୍ଯ୍ୟରେ ଯୋଗ ଦେବା ସମୟରେ ଯେଉଁ ଅନୁଭୂତି ପାଇଥିଲେ, "କେନ୍ଦୁଝର ଯାତ୍ରା" ଶୀର୍ଷକ ଏକ ଦୀର୍ଘ କବିତାରେ ଚମତ୍କାର ଭାବେ

Digitized by srujanika@gmail.com

ବର୍ତ୍ତମାନ ନାହିଁଛନ୍ତି, ଏ କବିତାଟି ସଞ୍ଚୟନ ମଧ୍ୟରେ ନ ଥିବାରୁ ସେଥିର କିୟଦଂଶ ଏଠାରେ ଉଦ୍ଧାର କରୁଛି—

ବଣିର ଶିଶିର ବିନ୍ଦୁ ମୁକ୍ତା ପଲ୍ଲବେ
୮ ଲତା ତଳ ପୁଷ୍ପ ଦଳ ଝଡ଼ି ହସୁଥାଏ
ସେଉଁଦୂର ଯାଏ ଘ୍ରାଣ ନେଇ ବାୟୁ ଯାଏ
ପ୍ରାନ୍ତରେ ଉଜ୍ଜ୍ୱଳ ଶ୍ୟାମ ତୃଣ ଶୋଭାପାଏ ।
କୋଳରେ କୁସୁମେ ଠାବେ ଠାବେ ଧବଳିତ
ଦର୍ଶନେ ପଥିକ ମନ ହୁଏ ଆପ୍ୟାୟିତ ।
ରଙ୍ଗ ରଙ୍ଗ ସଞ୍ଚରଇ ଯେବେ ଗନ୍ଧବହ
ସୌରଭ ହରି ଆଣଇ ପୁଷ୍ପରେଣୁ ସହ ।
ଶ୍ରାନ୍ତ ଅବସନ୍ନ ଯାର ଶ୍ରାନ୍ତି ଦୂର କରେ
ମନ୍ଦାକିନୀ ଜଳ ଯଥା ପରଶ କ୍ଷତରେ ।

(ରଚନା ସମୟ—୧।୯।୧୯୦୯)

କବିଙ୍କର ଉପସ୍ଥିତ ବୁଦ୍ଧି ଓ ପ୍ରଖର ଜ୍ଞାନ ଥିଲା । ଅକାଟ୍ୟ ଯୁକ୍ତି ବଳରେ ଉପସ୍ଥିତ ଶ୍ରୋତାଙ୍କୁ ମୁଗ୍ଧ କରି ପାରୁଥିଲେ । ସେ ଜଣେ ବିଶିଷ୍ଟ ହାସ୍ୟ ରସିକ ଥିଲେ । ଶୃଙ୍ଖଳା ଜ୍ଞାନ ଓ ଉଚ୍ଚ ଆଦର୍ଶରେ ନିଜକୁ ଅଭିଷିକ୍ତ କରିଥିବାରୁ ଗ୍ରାମର ଯୁବସମାଜକୁ ନେତୃତ୍ୱ ଦେଇ 'ପଲ୍ଲୀଶ୍ରୀ ପାଠାଗାର' ସ୍ଥାପନ କରିବା ସଙ୍ଗେ ସଙ୍ଗେ 'ପଲ୍ଲୀଶ୍ରୀ' ନାମକ ଏକ ହାତ ଲେଖା ପତ୍ରିକା ସମ୍ପାଦନା କରି ସେହି ସ୍ଥାନରେ ସାହିତ୍ୟିକ ବାତାବରଣ ସୃଷ୍ଟି କରିଥିଲେ । ସେ ଜଣେ ଦକ୍ଷ କର୍ମୀ ଓ ସୁସଂଗଠକ ଥିଲେ । ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ଭକ୍ତିରେ ସଦା ଆପ୍ଲୁତ ଥିଲେ । ମଣ୍ଡ୍ରାଜଡାର ଚମତ୍କାର ଗୀର୍ଜା ଘର ତାଙ୍କର ବହୁଶ୍ରମ ଓ ତ୍ୟାଗର ସାକ୍ଷ୍ୟ ବହନ କରୁଛି । ତାଙ୍କ ହୃଦୟ ସର୍ବଦା ମାନବିକତାରେ ପରିପୂର୍ଣ୍ଣ ଥିଲା, ସେ କିଛି ଦିନ

Digitized by srujanika@gmail.com

ଭଗତପୁରରେ ଥିବା ସମୟରେ ସେଠାରେ କଲେରା ପ୍ରବଳ ଭାବେ ବ୍ୟାପି ଯାଇଥିଲା, ସେ ପ୍ରତ୍ୟେକ ରୋଗୀ ଶଯ୍ୟା ପାଖକୁ ଯାଇ ପ୍ରାର୍ଥନା କରୁଥିଲେ ଓ ଶଙ୍ଖ କର୍ପୂର ନେଇ ସେବା କରିବାରେ ବ୍ୟସ୍ତ ଥିଲେ । ପୁଣି ଯେଉଁବେଳେ ବୈତରଣୀ ବ୍ରାହ୍ମଣୀ ବନ୍ୟାରେ ଲୋକେ ବିପର୍ଯ୍ୟସ୍ତ, ସେ "ଉତ୍କଳ ଜନନୀ କାନ୍ଦଇ ଦାରୁଣ ନିଜ ଦୁଃଖ କହେ ଗାଇ, କି ହେଲାରେ ଆହା କେହି ନାହିଁ ଯାହା କରିବ ନେଲା ଭସାଇ" —ଏହି ଗୀତଟି ଲେଖି ଏକ ସଂକୀର୍ତ୍ତନ ଦଳ ଗଢ଼ି ଗ୍ରାମେ ଗ୍ରାମେ ବୁଲି ସାହାଯ୍ୟ ସଂଗ୍ରହ କରି ଦୁର୍ଗତଙ୍କୁ ଦାନ କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସେ ଅଭିମାନୀ ଥିଲେ । ଓଡ଼ିଶାର ସଂଗୀତ ଓ ପ୍ରାଚୀନ ସାହିତ୍ୟରେ ତାଙ୍କର ଗଭୀର ପ୍ରବେଶ ଥିଲା । ତାଙ୍କ ରଚନାରେ ଭଞ୍ଜ, ଅଭିମନ୍ୟୁ, କବିସୂର୍ଯ୍ୟ, ରାଧାନାଥ, ଫକୀରମୋହନ, ଗୋପାଳଚନ୍ଦ୍ର ପ୍ରହରାଜଙ୍କ ପ୍ରଭାବ ଠାଏ ଠାଏ ଦେଖାଯାଏ ।

ଖ୍ରୀଷ୍ଟଦାସ ଉଭୟ ଗଦ୍ୟ ଓ ପଦ୍ୟ ରଚନାରେ କୃତିତ୍ୱ ପ୍ରକାଶ କରିଥିଲେହେଁ, ଲଳିତ ଛନ୍ଦାବଳୀରେ ଗୀତିମୟ କବିତା ସୃଷ୍ଟି କରିବାରେ ସେ ଅନନ୍ୟ । ତାଙ୍କର ପ୍ରତ୍ୟେକ ସୃଷ୍ଟି ଉଚ୍ଚକୋଟିର ଭାବ ଓ କାନ୍ତ-ମଧୁର ଭାଷା ସଂଯୋଜନ ହେତୁ ଅପୂର୍ବ । ତାଙ୍କର ସମସ୍ତ ରଚନା ଏ ଯାଏଁ ହସ୍ତଗତ ହୋଇନାହିଁ, ତଥାପି ବହୁ ଉଦ୍ୟମ ଫଳରେ ଏ "ସଞ୍ଚୟନ"ରେ ପ୍ରକାଶିତ ରଚନା ସମୂହ ତାଙ୍କ ସ୍ତ୍ରୀ ଶରଧାମଣି, ପାଳିତାକନ୍ୟା ପ୍ରେମମୟୀ ଏବଂ ମଣ୍ଡାପଡ଼ା ଗ୍ରାମବାସୀଙ୍କ ନିକଟରୁ ମିଳିଛି । ଅନ୍ୟ କେତେକ ପ୍ରକାଶିତ ଲେଖା ପତ୍ରିକା 'ପ୍ରଭାତ ତାରା' 'ଆଲୋକ' ଓ ଓ 'ପ୍ରଭାତରଶ୍ମି' ସଂଗୃହୀତ ହୋଇଛି । ଆମର ହସ୍ତଗତ ହୋଇଥିବା ରଚନା ମଧ୍ୟରେ ଅନେକ ଗୀତ ଓ ଭଜନ, କାବ୍ୟ 'ଯୀଶୁଖ୍ରୀଷ୍ଟ'

Digitized by srujanika@gmail.com

ଖଣ୍ଡକାବ୍ୟ 'ପ୍ରେମମୟ', କେତେକ କବିତା ପୁଣି ପ୍ରବନ୍ଧ 'ନମା ଅଙ୍ଗାର ଟୁଙ୍ଗି', 'ଖ୍ରୀଷ୍ଟୀୟ ସ୍ୱାଧୀନତା', 'ଅଭୟ ବାଣୀ', 'ତୋଳ ଭାଇଙ୍କ ଡାଏରୀ', ଗଳ୍ପ 'ବଡ଼ଦିନ ସଉଦା' ଏବଂ ଏକ ଅସଂପୂର୍ଣ୍ଣ ଉପନ୍ୟାସ ଅନ୍ତର୍ଗତ । ଏ ଯାଏଁ ସଂଗ୍ରହ କାର୍ଯ୍ୟ ସରି ନ ଥିବାରୁ, ସମ୍ପୂର୍ଣ୍ଣ ଗ୍ରନ୍ଥାବଳୀ ପ୍ରକାଶ ନ କରି ଭକ୍ତିଧର୍ମମୂଳକ ଏହି କବିତା 'ସଞ୍ଜସ୍ୱପ୍ନ'ଟି ପ୍ରକାଶ କରାଗଲା । ଭବିଷ୍ୟତରେ ସଂପୂର୍ଣ୍ଣ ଗ୍ରନ୍ଥାବଳୀ ପ୍ରକାଶ କରିବାର ବାସନା ରହିଛି । କବିଂକର ସଙ୍ଗୀତ ଗୁଡ଼ିକରୁ ଅଧିକାଂଶ ଓଡ଼ିଶୀ ରାଗରାଗିଣୀରେ ଏବଂ ଅଳ୍ପ କେତେକ ବଙ୍ଗଳା ଓ ହିନ୍ଦୀ ଗୀତ ଓ କୀର୍ତ୍ତନ ସ୍ୱରରେ ରଚିତ ।

ଖ୍ରୀଷ୍ଟଦାସ ଯାତ୍ରା କାବ୍ୟ ରଚନାରେ ପ୍ରଖ୍ୟାତ । ମଣ୍ଡାପଡ଼ାରେ ହୁଙ୍କରୁ ଥିବା କବି ଚନ୍ଦ୍ରାମଣି ଦାସଙ୍କର ଯାତ୍ରାଦଳଂକ ପାଇଁ ସେ ପ୍ରଥମେ ଖ୍ରୀଷ୍ଟୀୟ ଉପକଥାରୁ କାବ୍ୟମାନ ରଚନା କରିଥିଲେ । ପରେ ଦଳଟିକୁ ସେ ନେତୃତ୍ୱ ଦେଲେ । ଓଡ଼ିଶାରେ ଖ୍ରୀଷ୍ଟୀୟ ସମାଜ ମଧ୍ୟରେ ବନମାଳୀପୁର, ପଦ୍ମଖଣ୍ଡା, ଛଗାଁ, ମଣ୍ଡାପଡ଼ା ଖଣ୍ଡିତର, କାଇଲାପଡ଼ା, ଅଶ୍ରପୁର ଓ ମିଶନଚକ ପାଟଣାରେ ବିଭିନ୍ନ ଯାତ୍ରାଦଳ ସଂଗଠିତ । କବି ସାଗର ଗୁଜଳ, ଯୋହନ ସାହୁ, ଚନ୍ଦ୍ରାମଣି ଦାସ ଆଦି ଯାତ୍ରା କାବ୍ୟର ସ୍ରଷ୍ଟା ଭାବେ ସମ୍ମାନିତ । ଦୁଃଖର କଥା, ଏ ଗ୍ରନ୍ଥରେ ପ୍ରକାଶିତ କବିଙ୍କର 'ଯୀଶୁ ଖ୍ରୀଷ୍ଟ' କାବ୍ୟ ବ୍ୟତୀତ ଅନ୍ୟ କାବ୍ୟମାନ ଆମେ ପାଇପାରି ନାହୁଁ । କବି ତାଂକର ଯାତ୍ରାଦଳ ଘେନି ଓଡ଼ିଶା ଓ ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ସ୍ଥାନରେ ନିଜର କୃତିତ୍ୱ ଦେଖାଇଥିଲେ । ପୁଣି ସେ 'ଅପବ୍ୟୟୀ ପୁତ୍ର' ଓ 'ଖ୍ରୀଷ୍ଟଜନ୍ମ' ଆଦି ନାଟକ ଲେଖିଥିବାର ଏବଂ ସେ ସମସ୍ତ ମଞ୍ଚସ୍ଥ ହୋଇ ଥିବାର ପ୍ରମାଣ ମିଳେ । ମାତ୍ର ସେ ସବୁର ପାଣ୍ଡୁଲିପି ଏଯାଏଁ ମିଳି ନାହିଁ ।

Digitized by srujanika@gmail.com

କବିଙ୍କର ଭାଇ ସନାତନ ମହାନ୍ତି ସାରା ଓଡ଼ିଶାରେ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଭାବେ ସୁପରିଚିତ । ପ୍ରବନ୍ଧ, କବିତା ଓ ଅନୁବାଦ କ୍ଷେତ୍ରରେ ସେ ଅମ୍ଳାନ କୀର୍ତ୍ତି ରଖି ଯାଇଛନ୍ତି । ସାଉଁଟା ଗୁଙ୍ଗୁଡ଼ି, ନୈବେଦ୍ୟ, ଉପାସନା ଆଦି ଗ୍ରନ୍ଥ ଓ ବହୁ କବିତାର ସ୍ରଷ୍ଟା ଭାବେ ସେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ।

କବିତାର ସର୍ବଶ୍ରେଷ୍ଠ ପରିଚୟ ହେଉଛି, ସେ ନିଜେ କୁହେ । ଏଣୁ ଗ୍ରନ୍ଥର ମୁଖବନ୍ଧରେ କବିଙ୍କର ଏକ ସାମାନ୍ୟ ପରିଚୟ ପ୍ରଦାନ କରି ପୁଣି ତାଂକ ଅମୂଲ୍ୟ ରଚନାର ବିଶ୍ଳେଷଣ ନକରି ପାଠକଙ୍କ ବିଚାର ପାଇଁ ତାହା ଛାଡ଼ି ଦେଲୁ । ଆମର ବିଶ୍ୱାସ, ଗ୍ରନ୍ଥଟି ଓଡ଼ିଆ ସାହିତ୍ୟରେ ତାର ନିର୍ଦ୍ଦିଷ୍ଟ ଆସନ ବାଛି ନେବ ଏବଂ ଏଯାଏଁ ଅଜ୍ଞାତ ଓଡ଼ିଆ ଖ୍ରୀଷ୍ଟୀୟ ସାହିତ୍ୟର ଗୌରବମୟ ଐତିହ୍ୟ ସମ୍ପର୍କରେ ଜୀବନ୍ତ ସାକ୍ଷ୍ୟ ପ୍ରଦାନ କରିବ ।

ଶେଷରେ ଗ୍ରନ୍ଥଟିକୁ ପ୍ରକାଶ କରି ଓଡ଼ିଶା ଖ୍ରୀଷ୍ଟିୟାନ ସାଂସ୍କୃତିକ ପରିଷଦ ଏକ ମହାନ କାର୍ଯ୍ୟ ସାଧନ କରି ଥିବାରୁ ତାଙ୍କ ନିକଟରେ ଗଭୀର କୃତଜ୍ଞତା ପ୍ରକାଶ କରୁଛୁ ଏବଂ ଅନୁରୋଧ କରୁଛୁ ଅଦ୍ୟାବଧି ଏଭଳି ଅପ୍ରକାଶିତ ସାହିତ୍ୟକୃତି ଏବଂ ଓଡ଼ିଆ ଖ୍ରୀଷ୍ଟୀୟ ସାହିତ୍ୟର ଇତିହାସ ପ୍ରକାଶ କରିବା ଦିଗରେ ଯଥାଶୀଘ୍ର ଯତ୍ନ କରନ୍ତୁ ।

ବ୍ରହ୍ମାନନ୍ଦ ଦାସ
ସଂକଳୟିତା

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
ସଙ୍ଗୀତ	୧
। କାବ୍ୟ ।	
ଯୀଶୁଖ୍ରୀଷ୍ଟ	୧୭୫
। ଖଣ୍ଡକାବ୍ୟ ।	
ପ୍ରେମମୟ	୨୭୭
। କବିତା ।	
କଣ୍ଟକ କଣ୍ଢି	୨୭୯
ସୁଖସ୍ୱପ୍ନ	୨୮୧
ପ୍ରଶ୍ନତ	୨୮୫
ଆହ୍ୱାନ	୨୮୬

--*--

Digitized by srujanika@gmail.com

ବେଳ ବୁଡିଲାଣି ଆସି
ଘନାଇ ଆସୁଛି କାଳ ଯାମିନୀ ଭୟସି । ଘୋଷା ।

ଶିଥିଳ ହେଲାଣି ରୂପା କାମ ତାରକସି
ଝର୍ଝର ନକରେଁ ଚନ୍ଦା ସୁନାର କଳସୀ । ୧ ।

ଲିଭିଲାଣି ମୋ ଆକାଶୁ ସୂର୍ଯ୍ୟ ତାରା ଶଶୀ
ଅନନ୍ତ ଅଚ୍ଛିଦ୍ର ମେଘ ଦେଲାଣି ଗରାସି । ୨ ।

ବହୁଦୂରୁଁ ଆସି ସିନ୍ଧୁ ଷରେ ଅଛୁ ବସି
ଅମୃତ ପୁର ମୋ ଘର ଯାଏ ଦିଶି ଦିଶି । ୩ ।

ଉତ୍ତାଳ ସିନ୍ଧୁ ତରଙ୍ଗ ପ୍ରବଳ ବତାସୀ
ଟେସଇ ହେ ପାରିକର (ମୁଁ) ଘାନ ପରବାସୀ । ୪ ।

Digitized by srujanika@gmail.com

ଗର୍ବ ଦମ୍ଭ ଅଭିମାନ କାହିଁକି ଏତେ
ବାଟ ବସା ଧୂଳିଘର ଭାଙ୍ଗିବ ସତେ । ଘୋଷା ।

ଏ ଦେହର ପୁନେଇ ଜହ୍ନ ଉଁଆସେ ହୋଇବ ଲୀନ
ବୃଥା ରୂପ ଯଉବନ ସପନ ଯେତେ । ୧ ।

ଲୁଚାଇ ଦେଇ ଛଟେକ ଜାଣୁ ନଜାଣୁ ମୁ ଲୁଗା
ଅଜାଣତେ ଧଟନ ଡାକ ପଡ଼ିବ ତୋତେ । ୨ ।

ଏକଲା ଆସିଛୁ ଭୁଇଁ ସଙ୍ଗେ କେହି ଯିବ ନାହିଁ
ସଙ୍ଗରେ ନେବୁଣି କୋହ୍ନି କହ କେ କେତେ । ୩ ।

କାଳ ସାଗର ଉତ୍ତାଳ ନାହିଁ ତାର ଥଳ କୂଳ
ପାଶବୃନ୍ଦ ପାର ହୋଇ ଭଙ୍ଗା ବୋଇତେ । ୪

ବୁଝୁଛୁ ଉକତ ଦେଇ ତଣ୍ଟି ସେ ଅଛୁ ବନାଇ
ଚିହ୍ନିଲେ ତତ୍ତ୍ୱରୁ ଯାଇ ତା ପ୍ରେମ ସୋତେ । ୫ ।

Digitized by srujanika@gmail.com

ରାଗ— ସିନ୍ଧୁ ଏକତାଲି

ଅଧମ ପତିତ ଜନେ ତୁମେ ଏତେ ଭଲ ପାଅ
ତା' ପାପ କଳଙ୍କ ତୁମ ହୃଦୟୁ ଶୋଣିତେ ଧୁଅ । ଧ୍ରୁ ।

ଯେବେ ଦୁଃଖ ଦାବାନଳ
ଦହେ ହୃଦବନ ଥଳ
ତୁମେ ହେ ସର୍ବ ମଙ୍ଗଳ
ଅମୃତ ସୁଧା ଢାଳି ଦିଅ । ୧ ।

ନିରାଶା ତପ୍ତ ବତାସେ
(ଯେବେ) ଜୀବନରୁ ଶୁଖି ଆସେ
ତୁମେ ହେ ସ୍ନେହ ଆଶ୍ୱାସେ
ସଞ୍ଜୀବନୀ ବୋଳି ଦିଅ । ୨ ।

ଜଡ଼ ଜଗତ ଜଞ୍ଜାଳେ
ଝୁରେ ଯେବେ ଅଶ୍ରୁଜଳେ
ତୁମ ଶ୍ରୀକର କମଳେ
ସ୍ନେହାଦରେ ପୋଛିଦିଅ । ୩ ।

ମୋତେ ଖୋଜ ଖୋଜ ଯୀଶୁ ଆଇଲେ
ମୋ ଗୁରୁ ପାଇଁକ ସରଗ ଛାଡ଼ି ଅଶେଷ ଯାତନା ପାଇଲେ ।ଘ।

ହଜିଥିଲି ମୁଁ ଯେ ଜଗତ ପ୍ରପଞ୍ଚେ
ଖୋଜି ଖୋଜି ଶେଷେ ପାଇଲେ
ଆହା କି ଆଦରେ ପରମାନନ୍ଦରେ
ଧୂଳି ଝାଡ଼ି କୋଳେ ଧଇଲେ ।୧।

ମୋର ଦୁଃଖ ଚିନ୍ତା ଦୋଷ ଦୁର୍ବଳତା
ଆପଣେ ଶ୍ରୀଅଙ୍ଗେ ବହିଲେ
ମରଣ ଦାରୁଣ ପଣରେ ନବୀନ
ଜୀବନର ମାର୍ଗ ରଚିଲେ ।୨।

ମରଣର ଖିଳ ନୃଶଂଯନ୍ତ୍ର ଛିଡ଼ି
କରି ମହାମୁକ୍ତ ବାଞ୍ଛିଲେ
ସରଗ କାହାଣୀ ମୋ ପାଶେ ବଖାଣି
ପ୍ରେମରେ ପରାଣ ମୋହିଲେ ।୩।

ସଫଳ ଜୀବନ ଯୀଶୁ ଶ୍ରୀଚରଣ
ପରଶର ପଣ ପାଇଲେ
ବୃଥା ଏ ଜନମ ପୂଜା ଅନୁଷ୍ଠାନ
ମହାପ୍ରଭୁ କୃପା ନୋହିଲେ ।୪।

ହିପୁର ବଧାତା ଅତି ମଳିନତା
ଦେଖି ମନେ ବ୍ୟଥା ପାଇଲେ
ଗାଢ଼ ନିଜର ହୃଦୟ ରୁଧିର
ନିଜ ଅନୁରୂପେ ଧୋଇଲେ ।୫।

Digitized by srujanika@gmail.com

ରାଗ—ବସନ୍ତ

ଲୋଡ଼ୁ ନାହିଁ ନାଥ ଜଗତ ସମ୍ପଦ
ଶ୍ରୀଚରଣ ଭକ୍ତି ମାଗୁଛୁ ହେ
କହର ଯେଉଁ ସୁଖ ତୁମଠୁ ବିମୁଖ
ସବୁତ ପାଶବ ମୁ ଭୁଲୁଛୁ ହେ । ଘୋଷା ।
ଅଛୁ ଯାହା ମୋର ଅତି ପ୍ରିୟତର
ସୁତ ବିତ୍ତ ଦାରା ସ୍ୱଜନ ସୋଦର
ଜୀବନ ଯୌବନ, ଜ୍ଞାନ ଅଭିମାନ
ଚରଣେ ଅରପି ଦେଉଛୁ ହେ । ୧ ।
ମନେପଡେ଼ ମୋର ସେଦିନ ଯେ ଦିନ
ହୋଇଥିଲା ପ୍ରେମେ ପ୍ରଥମ ମିଳନ
ସେ ଦିନର ଆଶା, ସେ ପ୍ରାଣ ପିପାସା
ଏ ଯୋଡ଼ା ପରାଣ ଝୁରୁଛି ହେ । ୨ ।
ଥାଅ ପଛେ ଯହିଁ ତହିଁ ପ୍ରାଣେଶ୍ୱର
ଦରଶନ ଦାନେ ଚିତ୍ତ ତୋଷ କର
ଅନ୍ତରୁ ଅନ୍ତର, ହେଲେ ହେ ସୁନ୍ଦର
ସଂସାର ଅନ୍ଧାର ଦିଶୁଛି ହେ । ୩ ।
ଯିବା ବେଳେ ଜୀବ ହେ ପ୍ରାଣ ବଲ୍ଲଭ
ଜପୁ ଜପୁ ତବ ନାମ ଯାଉ ଜୀବ
ଅନନ୍ତ ବିଭବ, ଶ୍ରୀଚରଣେ ତବ
ଦସ୍ୟୁମ୍ନ ଏକାନ୍ତ କରୁଛି ହେ । ୪ ।

Digitized by srujanika@gmail.com

ରାଗ— ଝେମଟା ଏକତାଳ

ଆଉବେ କେତେ କାନ୍ଦିବି ଯୀଶୁ ହେ
କଏ ଶୁଣିବ ମୋ କାହାଣୀ
କଏ ବା ମୋ ଦୁଃଖ ଦେଖିବ ପ୍ରଭୁ ହେ
କଏ ବୁଝିବ ମୋ ବେଦନା । ଘୋ ।

ପଡ଼ିଛି ତବ ଶ୍ରୀଚରଣ ତଳେ
ବିକଳ ପରାଣ କାନ୍ଦେ ଆକୁଳେ
ଦୟା କରି ଦେଖ ହୃଦୟ ସଖା
ନିବାର ମରମ ବେଦନା । ୧ ।

ସେ ରୂପ ମାଧୁରୀ ଦେଖିଲି ଜନ୍
ନିରବଧି ଧାର ଝରେ ନୟନ୍
ଅରୂପ ରୂପ ପ୍ରାଣ ଅଧିପ
ଦେଖା ଦେଇ ଲୁଚ ଯାଅନା । ୨ ।

ଜାଣିଛ ଅନ୍ତର ଅନ୍ତରଯାମୀ
ଜାଣି ଶୁଣି କିମ୍ପା କନ୍ଦାଅ ପୁଣି
ହେ ଦୟାମୟ କରୁଣା ନିଳୟ
ମୋରେ କିମ୍ପା ଊଣା କରୁଣା । ୩ ।

—*—

Digitized by srujanika@gmail.com

ସୁର — ଆଜ୍ଞ ଜନ୍ମ ସ୍ୱପ୍ନ

ସୁନ୍ଦର ହେ ଆସ ମୋ ମନ କୁଞ୍ଜକୁ
ଜାଳି କରିଛି ମୁଁ ଜାଗର
ତୁମର ଆସିବା ପଥକୁ ଚାହିଁଛି
ଜପି ଜପି ପ୍ରେମ ମନ୍ତ୍ର । ଘୋଷା ।
ବାଛି ବାଛି ଭଲ ଭଲ ତୋଳୁ ଫୁଲ
ସୁରଭିତ ଲତା ପତର
ଅତି ଯତନରେ ସଜାଇ ଦେଇଛି
ତୁମ ଲାଗି ପ୍ରାଣ ସୋଦର । ୧ ।
ପ୍ରୀତିଆ ମୁକୁଟ ଅଭ୍ୟର୍ଥନା କଣ୍ଠ
ହେଲଣିଚ ଆସି ଉଚ୍ଛୁର
ହୋଇବକ ବୃଥା ଆଶା କୁସୁମରେ
ହାଜ ରଖିଥିବା ବାସର । ୨ ।
ଆକୁଳ ନୟନେ ଅନନ୍ତ ଗଗନେ
ଚାହିଁ ଚାହିଁ ପ୍ରାଣ କାତର
ଭାସିଯାଏ ନିତି କେତେ ଯେ ନୀରଦ
ଶୂନ୍ୟ କରିଦେଇ ଅନ୍ତର । ୩ ।
ବିଳମ୍ବରେ ନାଥ ବଢ଼ୁଛି ସନ୍ତାପ
ଝାଉଁଳି ପଡ଼ିବ ମୁକୁଳ
ଝଡ଼ିଗଲେ ଧୂଳି ଭୂମିରେ ଅଜାଡ଼ି
ରହିବ ପ୍ରେମିକ ସଂସାର । ୪ ।

Digitized by srujanika@gmail.com

ସେହ ପ୍ରେମନାଥ ଅନାଥ ନାଥ ପ୍ରେମିକ ପାଶେ ରହନ୍ତେ
ପ୍ରେମେ କଣ୍ଟା ମୁକୁଟ କୋରଡ଼ା ଗୁଣ୍ଠ ମାରବରେ ଅଙ୍ଗେ ସହନ୍ତେ ।୦।

ଗୁଞ୍ଜା ଗୁଞ୍ଜା ବନ୍ଧୁ ପ୍ରେମ ସୁଧା ସିନ୍ଧୁ
ଝରଣା ଝରୁଛି କ୍ରୁଶରେ
ଧୋଇ ଅମାପ ପାପ ଦୂରାଇ ତାପ
ସରଗର ପ୍ରୀତି ଦିଏ ।୧।

ଆଣ ଆଣ ସଖା ଭକ୍ତି ପୁଷ୍ପ ଏକା
ଦେବା ଯୁବାନେଷ ପଦୂରେ
ସେହ ଆରତ ତ୍ରାଣ ପାପୀ ଜୀବନ
ଟାପ ତାପ ହରଣଏ ।୨।

*

(ରାଗ— ପ୍ରଭାତ   ତାଳ-- କବାଲି)

ଜୟ ନାରାୟଣ
ନରକ ଭଞ୍ଜନ
ନରୋତ୍ତମ ନରାକାର ହେ
ଜୟ ମୃତ୍ୟୁଞ୍ଜୟ
ମାରଆ ତନୟ
ଜୟ ଜୟ ବିଶ୍ୱମ୍ଭର ହେ । ଧ୍ରୁ ।

ଜୟ ଜଗଦୀଶ [illegible] ଜୀବନ
ଜୟ ଯୋଗିଜନ ଚିତ୍ତ ବିମୋହନ
ଜୟ ଜଗଜ୍ଜନ କଳୁଷ ଭଞ୍ଜନ ଜୟ ଜୟ ପରମେଶ୍ୱର ହେ । ୧ ।

ଜୟ ବିଶ୍ୱନାଥ ବିପଦ ଭଞ୍ଜନ
ଜୟ ବିଦ୍ୟାପତି ଅବିଦ୍ୟା ନାଶନ
ଜୟ ବିଶ୍ୱନାଥ ଅନାଦି କାରଣ ଜୟ ଭବ କର୍ଣ୍ଣଧାର ହେ । ୨ ।

ଜୟ ସୃଷ୍ଟି ସ୍ଥିତି ପ୍ରଳୟ କରତା
ଜୟ ସୁବାମେଷ ସନ୍ତାପ ହରତା
ଜୟ ପ୍ରେମନିଧି ନିଏକ ବିଧାତା ଜୟ ଜୟ ପାପହର ହେ । ୩ ।

*

Digitized by srujanika@gmail.com

(ମିଶ୍ର କେଦାର)

(କିଏ) ଅଜଣା ଅତିଥି ଦୁଆରେ ଡାକୁଛି
କହିଥେ ଆସିଛି ।୦।

ଜୀବର ନଶା ଗୃହନ୍ତା ଭୂଷା ମାରବତା ସଜୁଛି
ତିନ୍ତଇ ତା ଶିର ନଶିର ଶିଶିର
ବନ୍ଦ୍ୟ ବନ୍ଦ୍ୟ ଝରି ପଡ଼ୁଛି ॥

(ମୋର) କୁଟୀର ଦୁଆରେ ଅଧାର
ମେଲିଛି ମରମ ଅଙ୍ଗ ଢ଼ଷତ
ହଙ୍କି ଦେଇ ମୋ ଚନ୍ଦ୍ରା ବିଳାସ ବନ୍ଧନ ଛିନ୍ନ କରୁଛି

(ମୋର) ଦେହଳୀ ଉପରୁ ତରଳ ସୁରଭି
କ୍ଷୀରର ଜମକୁ ଝରୁଛି
(ତାର) ଚେନାମୋଦେ ଦିଗନ୍ତ ନା
ପ୍ରେମେ ଭଳସି ଉଠୁଛି ॥

(ସ୍ୱର—ତା ସାଥେ ମୋ ନଷ୍ଟ ଯେ ଦେଖା)

ଯେ ଆସି ବାହୁଡ଼ି ଗଲା ସଜଳ ନୟନେ
ଝୁରି ଝୁରି ମୁଁ ନଷ୍ଟ ଯାଲାଗି ମରୁଛି ମରମେ । ଘୋଷା ।

ଭାଙ୍ଗ ଭାବ ତା ଭାବନା ଖେଳରେ
ମୁଦି ହେଲା ଆଖି ଅଳସ ଭରେ
ଖୁଜୁଥିଲା ତା ମିଳନ ଉଷା ସୁରଭି ସ୍ୱପନେ ।୧।

ଫେରି ଦେଖୁଁ ମୁଁ ଝୁଲାଇ ଚେଷ୍ଟରେ
ସେତ ଯାଇଛି ଚାଲି
କଳଣି ପରେ କରଜୁଁ ମୋର ତରଳଗନ୍ଧ
ବାଣରେ ଧଇଲା ଝରି
ମୋହ ଭଣିଛି ଶାଳମ ନାଶ୍ରୀ ଗୋ
କହିବ ତାକୁ ଚରଣ ଧରି
ପ୍ରେମ ପୀଡ଼ିତା ତା ଲାଗି ମୁଁ ଯେ ଦେଖିଲେ ଗୋପନେ ।୨।

Digitized by srujanika@gmail.com

(ସ୍ୱର - ଚିନ୍ତା କପାଇଁ ମନ)

୭

ତାକୁ ଭୁଲିଲୁ କିରେ
ତୋ ପାଇଁ ଯାହାର ନିତ ନୟନ ଝରେ । ଧ୍ରୁ ।

ତୋ ଚିନ୍ତାରେ ହୋଇ ଘାରି ସରଗ ସୁଖ ବିଶୋରି
ଦେଇଛି ରକତ ଢାଳି ପ୍ରେମେ କ୍ରୁଶରେ ।୧।

ହାତେ ପାଦେ ଲୁହାପ୍ରେକ ମୁଣ୍ଡରେ କଣ୍ଟା ମୁକୁଟ
ଦାରୁଣ କୁନ୍ତ ଆଘାତ ଯାର ବକ୍ଷରେ ।୨।

ଶୋକ ସନ୍ତାପ ଦୁର୍ଦ୍ଦିନେ ବିପଦ ଝଞ୍ଜନ ବନେ
ଅବିରତ ସଂଗୋପନେ ଡାକିବ ଧୀରେ ।୩।

ତୁ ତାକୁ ପାଶୋରି ଗଲୁ ସେ ତୋତେ କିଲେ ନ ଭୁଲିଲେ
ଖୋଜେ ଝିଙ୍କି ଅନ୍ତରାଳେ କାନ୍ଦେ ଆକୁଳେ ।୪।

ମୃତ୍ୟୁ ଛାୟା ଘେରା ପଥେ ବିଜୟ ମଣ୍ଡିତ ରଥେ
ଯାଉଥିବ ହୋଇ ସେ ସାଥେ ଗୁଞ୍ଜିଲ ମଧୁରେ ।୫।

Digitized by srujanika@gmail.com

(ଓଡିଆଲି)

ପାପୀ, କ୍ରୁଶ ମୋ ଆଦର ନେ
କ୍ରୁଶ ତଳେ ତୋ ଅସଂଖ୍ୟ ପାପ ଗଣ୍ଠିରି ଥୋଇ ଦେ । ଘୋ ।

ପାପ କଳଙ୍କ ଧୋଇବା ପାଇଁରେ
କ୍ରୁଶେ ଦେଲ ରକତ ନିଗାଡ଼ି
ହୃଦୟର ତୋର କଳଙ୍କ କାଳିମା
ରକତେ ପଖାଳି ନେ । ୧ ।

ଖୋଜ ମୁଁ ତୋତେ ବାହାର ଅନ୍ଧାରେ
କେଶ ବେଶ ତିନ୍ତେ ନିଶିର ଶିଶିରେ
ଡାକି ଯାଏ ନିତ କୁଟୀର ଦୁଆରେ
ଦୁଆର ଫିଟାଇ ଦେ । ୨ ।

ପାପୀ ମରଣ ପାରେନା ସ୍ୱର୍ଗରେ
କୋଟିନିଧି ପାପୀ ଗୋଟିଏ ପାଇଲେ
ତିଳେ ତିଳେ ସଢ଼ି ମରୁଛୁ କାହିଁକି
ଅମର ପଦବୀ ନେ । ୩ ।

—*—

Digitized by srujanika@gmail.com

(ଦଶା ଆଶାବରୀ, ତାଳ—ଅଠତାଳ)

ପାପୀ ତାରଣ ହେ, ପଦତଳେ ଦିଅ ସ୍ଥାନେ ଚ
ବେଳକୁ ବେଳ ତ ପ୍ରବଳ ଉଠୁଛି ପାପ ତରଙ୍ଗ ଯେସନେ ।ଧ୍ରୁ।

ପାପ ସିନ୍ଧୁ ମଧ୍ୟରେ ବୁଡ଼ି ରହିଅଛି
ଅନାଶ୍ରୟେ ମୋତେ ତାରେ
ନୋହିଲେ ନିଶ୍ଚୟ ମରିବି ହତାଶେ.
ଡୁବୁ ଏ ପାପ ଜୀବନେ ।୧।
ଅହେ ଦୟାବାନ ପତିତ ପାବନ
ନିଜ ଗୁଣ ହେଳନା ମୋରେ
ପାପରେ ମରିଲେ ରହିବ ସଂସାରେ
ନିନ୍ଦା ସିନା ତୁମ ନାମେ ।୨।
ବଚନ ଅମୃତ ବ୍ୟକ୍ତ କରିଛ ତ
ପାପୀ ଆଶ୍ୱାସ କାରଣେ
ଅହେ ପରିଶ୍ରାନ୍ତ ପାପ ଭାରାକ୍ରାନ୍ତ
ଆସ ଶାନ୍ତିର କାରଣେ ।୩।
ଶୁଣି ମୁଁ ଅସ୍ଥିର ଆସିଛି ହେ ନାଥ
ତୁମ୍ଭର ଶ୍ରୀପାଦ ସ୍ଥାନେ
ରଖ ବା ନରଖ ନ ଛାଡ଼ିବି ନାଥ
ପଡ଼ିଥିବି ଶ୍ରୀ ଚରଣେ ।୪।

—*—

Digitized by srujanika@gmail.com

(ଢଙ୍ଗ - ଆରତ୍ତ ଆନନ୍ଦ ସିନ୍ଧୁ)

କ୍ରୁଶତଳେ ମୋତେ ରଖ ମହାବାହୁ
ଭୁଜ ତଳେ ମୋତେ ରଖ
ବିଶ୍ୱ ତାପ ହର କ୍ରୁଶ ଛାଇତଳେ
ଭୁଲିବି ସଂସାର ଦୁଃଖ,
ମହାପ୍ରଭୁ । ଘୋଷା ।

ମୁଁ ଅତି କାଙ୍ଗାଳ ଭକତି ସମ୍ବଳ
ବନ୍ଧନେ ଅତି ନରେଖ
ଅରକ୍ଷ ଜନଙ୍କୁ ଶରଣ ନଦେଲେ
କବେ ଜାଣିବେ ତନ ଲୋକ । ୧ ।

ମୁଣ୍ଡରେ ଶୋଭୁଛି କଣ୍ଟାର ମୁକୁଟ
ହାତ ପାଦେ ଲୁହା ପ୍ରେକ
କ୍ରୁଶ କାଠ ବନ୍ଧା ଛନ୍ଦା ଚରଣରେ
ସେବକ ପଣରେ ରଖ । ୨ ।

ଥୋପି ଥୋପି ଝରେ ପଡ଼ୁଛି ରକତ
ବିଦାରି ବିଶାଳ ବକ୍ଷ
ଅବଶ ଲକ୍ଷଣ ସଞ୍ଜିବନୀ ସୁଧା
ଢାପିତ ଶାନ୍ତି ପ୍ରଲେପ । ୩ ।

ଭବ ଶୋକ ଦୁଃଖ ଅନ୍ତକ ଅଲେଖ
ସୁଖଦ ପରମ ପଦ
ଦରିଦ୍ର କାଙ୍ଗାଳ ଅନ୍ତିମ ସମ୍ବଳ
ସେପକ୍ଷ କ୍ରୁଶ ତଳେ ରଖ । ୪ ।

Digitized by srujanika@gmail.com

ଏକତାଲ ମିଶ୍ର କୀର୍ତ୍ତନ

(ସ୍ୱର — ସତ୍ୟ ଜୀବନ କାହିଁ ଗୋ ଜଗତେ)

ସତ୍ୟ ସୁନ୍ଦର ମଙ୍ଗଳ ଆଳୟ ନିତ୍ୟ ଆନନ୍ଦ ପସରା
ଆତ୍ମ ଚେତନମୟ ନିରଞ୍ଜନ ଧନ ଦୁଃଖି ଦୁଃଖ ଘାତଶାରା,
ପ୍ରେମ ସ୍ୱରୂପ ପତିତପାବନ ଶାନ୍ତି ମୁକ୍ତି ଶକ୍ତି ଦାୟୀ
ବିଶ୍ୱ ଅଘତମ ବିଧ୍ୱଂସି ତପନ ଭକ୍ତଜନ ଜୀବଦାୟୀ,
ଭଜ ଭଜରେ ମନ
ଶ୍ରୀ ଯୀଶୁ ଖ୍ରୀଷ୍ଟ ଈଶ ନନ୍ଦନ,
ଜନ୍ମ ଜୀବନ ସଫଳ ହେବାରେ ଭୁଞ୍ଜିବୁ ଅମିୟ ଅସରା । ୧ ।

ପାପୀ ତାପୀର ଶରଣ ପଞ୍ଜର ଅନ୍ଧ ନୟନ ଆନନ୍ଦ
ବିଶ୍ୱ ପ୍ରେମର ଅସରନ୍ତା ଝର ପରମାର୍ଥ ସୁଖ ସାନନ୍ଦ,
ପୂର୍ଣ୍ଣ ଜୀବନ ଚିନ୍ମୟ ମୂରତି ବିଶ୍ୱମ୍ଭର ପରମେଶ
ସୃଷ୍ଟି ସ୍ଥିତି ଲୟ ପାଳନ କରତା ଅନାଦି ଅନନ୍ତ ମହେଶ,
ଭଜ ଭଜରେ ମନ
ଶ୍ରୀ ଯୀଶୁ ଖ୍ରୀଷ୍ଟ ନର ନନ୍ଦନ,
ସ୍ୱର୍ଗ ସମ୍ପଦ ଲୁଟାଇ ଦିଏ ସେ ଜୁଟାଇ ପରଶ ପରସ । ୨ ।

ଡିସେମ୍ବର ଛ'ତାରିଖର ସ୍ୱପ୍ନ ।

Digitized by srujanika@gmail.com

(ଢଣ୍ଣା — ଡାକେ ତ ଡାକିଲୁ ନାହିଁ କୃପା ସୁଧା ଝିଙ୍କରେ)

ସବୁତ ମଧୁର ଲାଗେ ତୁମେ ନାଥ ପାଶେ ଥିଲେ । ଘୋଷା ।

ହଳାହଳ ସୁଧାବିନ୍ଦୁ
ଉପାଶ ପାଲଟେ ବନ୍ଧୁ
ନୃଶନ୍ତୁ ଆନନ୍ଦ ସିନ୍ଧୁ
ତୁମ ପରଶେ ଉଛୁଳେ । ୧ ।

କଣ୍ଟକେ ଫୁଟେ ସୁମନ
ମରଣ ନବ ଜୀବନ
ସବୁ ଯେ ହୁଏ ସ୍ୱପନ
ତୁମ ପାଦ ଛୁଆ ବଳେ । ୨ ।

ଯେବେ ପ୍ରିୟତମ ମୋର
ଅଶ୍ରୁ ଅର୍ଘ୍ୟ ପ୍ରେମ ଫୁଲ
ଏତିକି ପୂଜା ସମ୍ବଳ
ବସି ହୃଦ ଶତଦଳେ । ୩ ।

*

Digitized by srujanika@gmail.com

(ଚୌରୁ ପରଜ, ଆଦତାଳ)
(ସ୍ୱର—ଚର୍ମ୍ମୁ, ଗଳ୍ପିର ଗଳ୍ପ କଥାରେ ସଙ୍ଗୀତ)

ରେ ବାଟୋଇ, ହେଉ କମ୍ପା ରଙ୍ଗ ଭଙ୍ଗ
ଯାହା ଦେଖି ହୃଣ କଣ୍ଟା ମୁକୁଟ କି ଉତ୍ପୂଜନ୍ତ ଚିତ୍ତେ ଭୟ ।
। ଘୋଷା ।

ମନ ମତ୍ତଗଜ ଅଙ୍କୁଶ ଏ ହୃଣ କଣ୍ଟା ମୁକୁଟ ଶିକୁଳ
ବିବେକ ମାହୁନ୍ତ ମଣାଇବା ପଥ ଆନନ୍ଦ ଆଲୋକମୟ । ୧ ।

ଜଗତ ଜୁହେଁଛି ଶପୂନ ମନ୍ଦିର ସାଧନା ପଥ ଦୁରୁହ
ଜୟ କରି ଚିତ୍ତ ଦେଲେ ଗତିବନ୍ତ ସାଧକର ଚଲି ଜୟ । ୨ ।

ଏ ପଥ ପ୍ରମାଦ ପରମ ସମ୍ପଦ ଲଭ ସୁଖ ଅନାମୟ
ଝାସି ପଶିଗଲେ ଦୁର୍ଗମ ଦୁଆରେ ନାହିଁ ଆଉ ପରାଜୟ । ୩ ।

କମ୍ପା ଏତେ ଖାଡ ଅଗସୁତ ଖ୍ରୀଷ୍ଟ ବନ୍ଧୁ ଆତଙ୍କ ନଶ୍ୱର
ପଥସାଥି ତୋର ଅତ ବଳଆର କରନ୍ତୁ ମରଣ ଜୟ । ୪ ।

Digitized by srujanika@gmail.com

(ସୁର—କେତେ ଦୁଃଖ ଭୁଞ୍ଜିଲ ମନମନ)

କେବେ ଦୁଃଖ ନଶି ପାଇବ ଏହା ଜୀବନ
ପ୍ରାଣନାଥ ଚରଣତଳେ ପ୍ରେମେ ଲୋଟିବ । ଧ୍ରୁ ।

ସତ୍ତ ଭକ୍ତରେ ତାହାଙ୍କ ପ୍ରେମ ସ୍ରୋତେ
ପ୍ରେମ ନୟନ ଜଳେ ପାଦ ଧୋଇବ । ୧ ।

ଭକ୍ତି ପ୍ରୀତି ପ୍ରସୂନ ହାର ଗୁନ୍ଥି ଯତନ
ମୋ ଯୀଶୁ ଜୀବଧନ ଗଳାରେ ଦେବ । ୨ ।

ଯୀଶୁ ଅଙ୍କ ପଲ୍ଲଙ୍କେ ଶୋଇବ ନିଶଙ୍କେ
ପ୍ରେମେ ମୋ ଯୀଶୁ ବକ୍ଷେ ଢଳ ପଡ଼ିବ । ୩ ।

ଯେବେ ମୋ ପ୍ରାଣଧନ କରିବେ ଆଲିଙ୍ଗନ
କୋଟି ସ୍ୱର୍ଗର ସୁଖ ଭୁଞ୍ଜ ମଣିବ । ୪ ।

ମୁଁ ନେତ୍ର ମାତ୍ର ହୋଇ ମୋହନ ରୂପ ଚାହିଁ
ଅନନ୍ତ କାଳଯାଏ ନିରେଖୁଥିବ । ୫ ।

ଭଣଇ ଖ୍ରୀଷ୍ଟ ଦାସ ଆଜନ୍ମ ଅଭିଳାଷ
ପୂରିବ ଯେବେ ପ୍ରାଣନାଥେ ଭେଟିବ । ୬ ।

—*—

Digitized by srujanika@gmail.com

(ଅ.ଡା ଖେମଟା)

କହ କହ, ମୋ ଯୀଶୁ ବିନା କେମନ୍ତେ ବଞ୍ଚିବ ଗୋ । ଧ୍ରୁ ।

ସେତ ମୋ ଜୀବ ଜୀବନ
ମୋହର ପଣନ୍ତ ଧନ
ତାଙ୍କୁ ତେଜି କି ମୁଁ ଆନ ପାଦେ ଆଶ୍ରା ନେବ ଗୋ । ୧ ।

ଯେ ଯେତେ କଷ୍ଟଲେ ହେଲେ
ଧାତଶୋର ଯିବ କି ଭଲେ
ସେ ରଙ୍ଗ ଚରଣ ତଳେ ପଡ଼ି ରହିଥିବ ଗୋ । ୨ ।

ହୃଦୟେଶ୍ୱରଙ୍କୁ ଆଜ
ପ୍ରୀତି ଫୁଲେ କର ସିଜ
ଶ୍ରୀପାଦ ପଙ୍କଜ ରଜ ହୃଦେ ବୋଳି ହେବ ଗୋ । ୩ ।

ସେ ଯେତେବ କଣ୍ଟେବ ଘର ?
କରନ୍ତୁ ପଛକେ ଦୂର
ମୋକ୍ଷଦ ପଦଯୁଗଳ କେବେ ନଗୁଛିବ ଗୋ । ୪ ।

ତେଜି ମୁଁ ଏ ଜୀବନ
ଜପି ଜପି ତାଙ୍କ ନାମ
ଯେ ନାମେ ଏ ଭବଧାମ ସଙ୍କଟେ ତରିବ ଗୋ । ୫ ।

Digitized by srujanika@gmail.com

ମୁଁ ତ ଥକିଲିଣି ଡାକି ଡାକି
ଶୁଣି ନ ଶୁଣ ପ୍ରଭୁ କାହିଁକି । ଧ୍ରୁ ।

ପୋଡ଼ା କରମରେ ପଥ ଛୁଡ଼ି   ପାପ-ହ୍ରଦରେ ଯାଉଛି ପଡ଼ି
ଟାଣିନିଅ ଶ୍ରୀପାଦ କଟକେ । ୧ ।

ଜଡ ଦେହର ମୋହ ମାୟା ଜାଲେ   ବୁଡି ଯାଉଛି କାମନା ଜଳେ
ପାପ ବାଡ଼ବ ପୋଡ଼େ ଗ୍ରାସକି । ୨ ।

ତୁମ୍ଭେ ପରା ପତିତପାବନ   ପାପୀ ପାଇଁ ଦେଇଛ ଜୀବନ
ତେବେ ଡାକ ନଶୁଣ କାହିଁକି । ୩ ।

ଅନ୍ତରର ମାୟା କେତେ ହେଲେ   ତବ କୃପା ସିଂହାସନ ତଳେ
ଆଜ୍ଞା ହେଉ ସମ୍ମୁଖୁ ଏତିକି । ୪ ।

ଯାହା ଇଚ୍ଛା ତାହା ପଛେ କର   ପାଦ ଛଡ଼ୁ ନହେବ ବାହାର
ପଦେ ଦେଇଛି ଜୀବନ ବିକି । ୫ !

Digitized by srujanika@gmail.com

ପ୍ରେମ ସାଗର ହେ, ଦେଖି ଯାଅ ଆସିଥରେ
ତୁମର ବିରହେ ଭୋଗେ କି କଷଣ
ସେ ଦୁଃଖ ବଚନ ବଳେ । ଧ୍ରୁ ।

ଗୋପନେ ଗୋପନେ ହୃଦୟୁ ମୋହର
ନେଲ ଅଜ୍ଞାତେ ଚୋରାଇ
ସେହି ଧନ ଜାଣେ ପାପୀ ମନ ଚୋର
ତୁମେ ଏ ମହାମନ୍ତ୍ରଲେ । ୧ ।

ଦେଖା ଦେଇ ଥରେ କି ଦାରୁଣ ପଣେ
ଲୁଚିଗଲ ଅନ୍ତରାଳେ
ଅଭୟର ମୂର୍ତ୍ତି ଅଣ୍ଡ୍ରାଳ ବୁଲୁଛି
ଖୋଜି ଖୋଜି କାଲିବଳେ । ୨ ।

ଅନିତ୍ୟ ସଂସାର ଜାଣି ସବୁ ମୋର
ଥୋଇ ଦେଲି ଚରଣ ତଳେ
କହ କି ଦୋଷରେ ଏ କଣା ଜଙ୍ଗରେ
ପିଙ୍ଗିଲ ବିରହ ଜଳେ । ୩ ।

—*—

Digitized by srujanika@gmail.com

(ସ୍ୱର—ସଜନୀ କସ ଗାନ)

ହୃଦ କୁମୁଦ ବନ୍ଧୁ ମୁକତି ସୁଧା ସିନ୍ଧୁ,
କରୁଣା ଚନ୍ଦ୍ର ଉଣା କରିବ କି । ୦ ।
ଲିଖିଛି ନୀଳପଟେ ଭବ ବାରିଧି ତଟେ
ଡାକ ଉଙ୍କିଟେ ଫେରୁ ମରିବ କି
ତୁମ୍ଭେ ପରା ତରାଇ ଦୀନ ପାତକୀ ପାଇଁ
ଦୁଃଖ ଜଳଧି ଜଳେ ଭାସିବ କି । ୧ ।
ଅଭାବ କଷ୍ଟାଘାତ ଷଡ଼ରିପୁ ଉତ୍ପାତ
ଆଧିବ୍ୟାଧି ମୁଁ ସହି ମାରିବ କି
ଜୀବନ ଅନ୍ତ ନାଡ଼ି ସଡ଼ି ସ ଉଚ୍ଛୁ ଛାଡ଼ି
ଏ ଦୁଃଖ ମୁଁ ବହି ପାରିବ କି । ୨ ।
ଅନାସ୍ଥରେ ଅମାପ ପାପ ସଂଜାତ ତାପ
ଭବ ବାରି ଝବାରି ପାରିବ କି
ବନ୍ଦୀ ଚରଣ ବୋଲି ବଳେ ଶରଣ ନେଲି
ଅଧମ ବୋଲି ପାଦେ ଠେଲିବ କି । ୨ ।
ଅନୁତାପ ଅନଳ ପୋଡ଼ଇ ତିଳ ତିଳ
ଦହନ ତାର ସହି ପାରିବ କି
ସ୍ନେହୀ ସୁହୃଦ ମୋର ହେଲେଣି ସାତପର
ସାନ୍ତ୍ୱନା କଣ କାହିଁ ଲଭିବ କି । ୩ ।
ହେଲେ କରୁଣା ଉଣା ଅପଯଶ ବାଜଣା
ମହତ ନାମେ ତବ ବାଜିବଟି
ଚରଣେ କଣା ଜନେ କୃପଣ କୃପାଦାନେ
ହିପୁରେ ଏ କଳଙ୍କ ରହିବଟି । ୪ ।

Digitized by srujanika@gmail.com

ପତିତ ପାବନ ବାନା ଭଗବାନ
ଭବସାର ସାର ସାର ଶ୍ରୀଚରଣ
ତାରଣ ମାରଣ ପାଳନ କାରଣ
ତରୁଣ ଅରୁଣ ବରଣ ଚରଣ । ଧ୍ରୁ ।

ଚିତ୍ତ ବୃନ୍ତରେ ପ୍ରୀତି ସଜଫୁଲ
ସାଜି ଥାଉ ପୂଜି ତୋ ପାଦ ଯୁଗଳ
ଲଭୁ ଧର୍ମଧାମେ ମାନବ ମଙ୍ଗଳ
ସାର୍ଥ ହେଉ ନାଥ ନରର ଜନମ । ୧ ।

କେତେ ମହା ମହା ପାପୀ ଆଶ୍ରା କରି
ତୋ ପାଦ ପ୍ରସାଦେ ଯାଉଛନ୍ତି ତରି
ଦୟାମୟ ପାଦେ ଏତିକ ଗୁହାରି
କର କି ଅଚିରେ ବାସନା ପୂରଣ । ୨ ।

—*—

Digitized by srujanika@gmail.com

ତାଳ—କବାଲି
(ସ୍ୱର—କାହା ଖୁବେ ମଜ)

କାର୍ତ୍ତିକରେ ଭୁଲିମନ ଭୁଲିଯାଉ ଏତେ
ଆଶା- ଆଲମ୍ବନ କୃଷ୍ଣ ନାର୍ତ୍ତିକ ପରତେ । ଘୋଷା ।

ଘରସ ସେ କୃଷ୍ଣ- ପାଦପଦ୍ମ ଦେହେ
ନନ୍ଦନ ଫୁଲଟି ଫୁଟିଅଛି ସ୍ନେହେ
ଝରେ ପ୍ରେମ ମଧୁ ରଙ୍ଗ ହୋଇ କ ରକତେ । ୧ ।

ବିଶ୍ୱ ବିଜୟୀ ପ୍ରେମିକ ପ୍ରବର
ଯୁଦ୍ଧାମେଷ କ୍ଳେଷ ଜୟୀ ଧ୍ୱଜାଧର
ପତିତ ପାବନ ବାନା ଉଡ଼େ ବିଜଗତେ । ୨ ।

କ୍ଷମା ଅସ୍ତ୍ର ବିଷ ବାରଣା ମନ୍ତ୍ର
ସଞ୍ଜିବନୀ ସୁଧା ଢାଳିବା ପାତ୍ର
କଳ୍ପତରୁବର କାଳବେଶ୍ମ ପଲ୍ଲବତେ । ୩ ।

ଏ ଜୀବନ ଆଶା ଆନନ୍ଦର ସ୍ଥଳୀ
ଜଗତ ଯାତନା ଭୁଲି ଜପାମାଳ
ପରମ ସୁଖ ପାଇଛି କୃଷ୍ଣ ଏ ମରତେ । ୪ ।

—*—

Digitized by srujanika@gmail.com

(ରାଗ — ବସନ୍ତ, ଏକତାଳ)

ତୁମ ପର କାହିଁ ଆଜ ଦେଖୁ ନାହିଁ ଧନ ମାନ ଜନ ବାନ୍ଧବ
ତୁମେ ମୋହର ଏତେ ଆପଣାର ନ ଥିଲା ତ ମନେ ସମ୍ଭବ ।ଧ୍ରୁ।

ମୋ ଆକାଶ ପଟେ ଝଞ୍ଜା ଯେବେ ଉଠେ
ଭୀଷଣ ପ୍ରହାରେ ଘୋର ଘନ ଘୋଟେ
ତଡ଼ିତ ପ୍ରକଟେ ବାଲବନ୍ଧ ତୁଟେ
ଧଇର୍ଯ୍ୟ ବନ୍ଧ କେ ରଖିବ । ୧ ।

ଘୋଟିଯାଏ ଯେବେ ନିରାଶା ଅନ୍ଧାର
ପଥ ରୁନ୍ଧ ପ୍ରାଣ କରେ ହାହାକାର
ତୁମ ପର କିଏ ଶଦାକାଶେ ମୋର
ଆଶା ସୁଧାକର ଉଇଁବ । ୨ ।

ଦୁଃଖର କଲ୍ଲୋଳେ ଯେବେ ଅଶ୍ରୁ ଜଳେ
ଭାସଇ ଆକୁଳେ ଏ ମର ମଣ୍ଡଳେ
କୃଶ କଣ୍ଠା ମଗ ଶ୍ରୀକର କମଳେ
ଆଉ କେ ଲୋତକ ମୁଛିବ । ୩ ।

ଅଛ ତୁମେ ମୋର ଏତେ ଯେ ନିକଟେ
ହୃଦେ ଯେବେ କ୍ଷୁଦ୍ର ବେଦନାଟି ଉଠେ
ନିମିଷକେ ତୁମ ନୟନ ଉକୁଟେ
ଅନନ୍ତ ପ୍ରେମର ବୈଭବ । ୪ ।

ଲୋଡ଼ା ନାହିଁ ମୋର ସଉର ବିଭବ
ମୁଛୁଛି ଦେଇଛି ସ୍ୱଜନ ବାନ୍ଧବ
ଆଅ ପାଖେ ପାଖେ ହେ ପ୍ରାଣ ବଲ୍ଲଭ
ତୁମେ ଥିଲେ ଅଛି ସରବ । ୫ ।

—✳—

Digitized by srujanika@gmail.com

୦ (ସ୍ବର— ତୋଡ଼ି, ଆଡ଼ଠେକା)

ଜୟ ପ୍ରଭାତେଶ, ଯୀଶୁ ଜଗତ ଜୀବନ
ବିଶ୍ବଜନ ମନ ମୋହନ ମନ୍ତ୍ର ତୁମ ସୁଧାମୟ ନାମ । ଘୋଷା ।

ପାପୀ ଆଶା ଘର ପ୍ରେମର ଭଣ୍ଡାର
ଦୀନ ଦରିଦ୍ର ଶରଣ
ଯୋଗୀ ଜପମାଳ ଭକ୍ତ ହୃଥାଳ
ଅନନ୍ତ ଜୀବନ ଧନ । ୧ ।

ନିରାଶା ପତନ ଆଶା ଉଦ୍ଦୀପନ
ସମୃଦ୍ଧି ସୁଖ ସଦନ
ଦୁଃଖି ଦୁଃଖ ହର୍ତ୍ତା ପାପପଙ୍କ ଧୂଆ
ତୁମେ ତ୍ରିଲୋକ ପାବନ । ୨ ।

ଦିଅ ଦରଶନ ହେ ଜୀବ ଜୀବନ
ମୁଁ ଯେ ଅତି ଅକିଞ୍ଚନ
ସନ୍ତାପ ହରତା ତ୍ରିଏକ ବିଧାତା
ପୂର୍ଣ୍ଣ କର ମନସ୍କାମ । ୩ ।

—*—

Digitized by srujanika@gmail.com

(ଘଣ୍ଟିଆଲି)

ଆରେ ବଟୋଇ, ବାଟ ଚଲୁଥିବୁ ଆଗମାଡ଼ି
ବେଳ ଆସି ଗଡ଼ିଗଲାଣି ଦିନ ଯିବ ପରା ବୁଡ଼ି । ଘୋଷା ।

ଈଶାନ କୋଣୁ କଳା ବଉଦ ଘଡ଼ ଘଡ଼ ରଡ଼ି
ବିଜୁଳି ବାଣ ବାଟୋଇ ପ୍ରାଣ ଧଡ଼କେ ନଏ କାଢ଼ି
ଦମ୍ଭ ବାନ୍ଧନ୍ତୁ ମାଟି ଘରକୁ ରେ ତୋଫାନେ ଯିବ ଉଡ଼ି
ବାଟ ଜାଣି ପାରିବୁ ନାହିଁ ଅନ୍ଧାର ଆସିବ ଯେବେ ମାଡ଼ି । ୧ ।

ଦୁନିଆଟାକୁ ମୁଣ୍ଡେଇ ସତେ ଗୁ[illegible]ଆରିବୁ କି ରେ
ବୁଜୁଳା ବୋଝ ଅକଳ ହେବ ଫିଙ୍ଗି ଦେ ତୁ ଦୂରେ
ଦରିଆ ଗୋଠା ପାର ହେବୁ ରେ ବାଟ ଗଲେ ସରି
ନାଆ ଡଙ୍ଗା ନାହିଁରେ ତୋର ଦରିଆ ମଝିରେ ଯିବୁ ବୁଡ଼ି । ୨ ।

ପାଇବୁ ଲେଉଟ ନାଉରୀ ଜଣେ ଦରିଆ କୂଳ ଠିଆ
କଉଡ଼ି ଭିନା କରେ ସେ ପାରି ବିଶ୍ୱ ବେଦନା ବୁଝା
ଦେଇ ନିଜ ବୁକୁର ରକତ ରେ ଗଢ଼ିଛି ନୂଆ ତରୀ
ପ୍ରେମ ଥିଲେ ସମ୍ବଳ ତୋର କଉଡ଼ି ବଦଳେ ହେବୁ ପାରି । ୩ ।

*

Digitized by srujanika@gmail.com

୯ (ସ୍ୱର—ଗରଜନ୍ତ ମେଘ ବରଷେ ନାହିଁ ଗୋ)

ବହୁଗଲା ପାଣି ଉଜାଣି ଉଠେ ନା
ସିନ୍ଧୁ ମୁଖେ ଧାଏଁ କରଇ ଚପଳ । ଘୋଷା ।

ଭସାଇ ଦେଇ ତୋ ଜଗତସ୍ଥ ସ୍ରୋତେ
ଅର୍ଣ୍ଣବ ମୁଖରେ ଭ୍ରମୁଛୁ ନିରତେ
ଭୁଲମନ ଭୁଲଯାଉଛୁ କି ଏବେ
ବୁଡ଼ିଯିବୁ ଦିନେ ଅତଳ ପାତାଳ । ୧ ।

ଆସିଛୁ ତୁ କାହୁଁ ଯାଉଛୁ ବା କାହିଁ
ଚିତ୍ତରେ କଷ୍ଟରେ ଭାବିଲୁ ତ ନାହିଁ
ବାଇ ହେଲୁ ପାଇ ମାଟିର କୁଣ୍ଢାଇ
ମାଟି କି ହେବ ତୋ ବାଟକୁ ସମ୍ବଳ । ୨ ।

Digitized by srujanika@gmail.com

୩

(ଭାଟିଆଲି)

(ସ୍ୱର— ନଈ ଘାଟରେ ଘାଟଜଗା ଘାଟିଆ ଜଣେ)

ଭବ ସାଗରେ
ମେଲିଛି ମୋ ଦଦରା ଡଙ୍ଗା
ଘୋର ଘନ କୁହେଳିରେ ଦିଗ ନ ପାରଇ ବାରି । ଘୋଷା ।

ନାହିଁ ଜାଣ କେଉଁଆଡ଼ ମଙ୍ଗଧରି ମଙ୍ଗ ଆଡ଼
ମନୋରଥ ଗତି ତାରି ପାଲଟି ଯାଉଛି ଚିରି । ୧ ।

ତୋଫାନ ପ୍ରବଳ ବେଗେ ସାଧିଲଣି କଳାମେଘେ
ଉତ୍ତାଳ ସିନ୍ଧୁ ତରଙ୍ଗେ ତରଣୀ ତ ଯିବ ବୁଡ଼ି । ୨ ।

ସଜଳ ନୟନେ ଚାହିଁ ଅଳି କୂଳ ପାଉନାହିଁ
ହେ ଭକ୍ତ ସିନ୍ଧୁ ଜଗଇ ଏ ବିପଦୁ କର ପାର । ୩ ।

Digitized by srujanika@gmail.com

(ସୁର – ଏ ଗହନ ବନେ, ମନହାଣ୍ଡି କାଇଆ ହୋଇ)

ତୁ ଅଜ୍ଞାନ ପଣେ
ଘଣାଟେଣା ବଳଦ ପରି ବୁଲୁ ଅନୁକ୍ଷଣେ । ୦ ।

ଧନ ମଦେ ଉଲ୍ଲାସେ ମାତି
ଜୀବନଟା ଗଲାରେ ବିତି
ନ ବାଛିଲୁ ମିତ୍ର ଅମିତ୍ର
ଅବିବେକ ପଣେ । ୧ ।

ବିଷୟରେ ହୋଇ ଆବଦ୍ଧ
ଆଖି ଥାଉଁ ଥାଉଁ ତୁ ଅନ୍ଧ
କାହା ଲାଗି ଅରଜ ଧନ
ମରୁ ଅକାରଣେ । ୨ ।

ଦାରା ସୁତ ବନ୍ଧୁ ବାନ୍ଧବେ
କେହି କାର ନୁହେଁରେ ଭବେ
ତୁଟି ଯିବ ଏ ଘଟ ଯେବେ
ଫିଙ୍ଗି ଦେବେ କେଣେ । ୩ ।

Digitized by srujanika@gmail.com

(ସଂକୀର୍ତ୍ତନ)

(ଢଙ୍ଗ—ଅପୂର୍ବ ପ୍ରେମେ ପ୍ରଭୁ ଏ ଜଗତ ମାତାଇଲି)

ମହାପ୍ରଭୁ ମହାପ୍ରେମ ଭବେ ପ୍ରକାଶିଲ
(ଆସି) ବିଶ୍ୱପ୍ରେମ ସେବାଧର୍ମ ଜଗତେ ଥାପିଲ । ଧ୍ରୁ ।

ତୁମ ପ୍ରେମ ସୂତ୍ରେ (ଯୀଶୁ ହେ ମୋର ପ୍ରିୟ ଯୀଶୁ)
ନର ମାନେ ସ୍ନେହରେ ଗୁନ୍ଥିଲ । ୧ ।

ଅମା ଅନ୍ଧକାରେ (ଯୀଶୁ ହେ ମୋର ପ୍ରିୟ ଯୀଶୁ)
ହୃଦୟରେ ଜ୍ୟୋତି ପ୍ରକାଶିଲ । ୨ ।

ତୁମ ପ୍ରେମଗୁଣେ (ଯୀଶୁ ହେ ମୋର ପ୍ରିୟ ଯୀଶୁ)
ମୃତଜନେ ଜୀବନ ଲଭିଲ । ୩ ।

ତୁମ ପ୍ରେମବଳରେ (ଯୀଶୁ ହେ ମୋର ପ୍ରିୟ ଯୀଶୁ)
ସ୍ୱର୍ଗ ପଥେ ଅଧମେ ଚାଳିଲ । ୪ ।

Digitized by srujanika@gmail.com

(ସଂକୀର୍ତ୍ତନ)

ହରି ଗାଙ୍ଗରେ ଆନନ୍ଦ ତେବେ ଜୟ ପ୍ରେମମୟ ବୋଲ
ଗାଅ ମାତି କରତାଳି ଅଜ ପ୍ରେମାନନ୍ଦେ ବାହୁ ଟେକି ।

ସେନାମେ ଯାତନା
ନାଶି ହୃଦେ ଭରିଯାଏ ସ୍ୱର୍ଗ ସୁଷମା
(ହରି) କରମ୍ଭି ଟେ ଫୁଲ୍ଲଚିତ୍ତେ ଗାଅ ନାଚି ଢଳି ଢଳି । ୧ ।

କରୁଣା ସାଗର
ଢାଳନ୍ତବର୍ଣ୍ଣେ ଯେଉଁ ପ୍ରେମେ ବକ୍ଷ ରୁଧିର
(ହେଇ) ପ୍ରେମ ଗୁଣେ ପ୍ରାଣେ ପ୍ରାଣେ ଗାଅ ନର ନାରୀ । ୨ ।

—*—

Digitized by srujanika@gmail.com

(ସ୍ୱର – ନଅ ଆହେ ପ୍ରିୟ ମେନକା ଅଞ୍ଜଳି)

ଆସ ପ୍ରିୟତମ ଜୀବନ ବଲ୍ଲଭ ଆସ ମୋ କୁଞ୍ଜ କୁଟୀରେ
ଅତି ଯତନରେ ସଜାଇ ବସିଛି ହୃଦୟ କୁଞ୍ଜ ଉଦ୍ୟାନରେ । ଘୋଷା

ସଜଫୁଟା ଫୁଲ ମଉଳ ଯିବଟି ଆଶାରେ ଭ୍ରମର ବିନା ଗୋ
ତୁମର ପରଶ ଲାଗି ପ୍ରାଣେଶ୍ୱର ଜାଗୁଛି ପସ୍ୱାଦେ କି ଆବେଗ
ତୁମ ବିରହ ଅନଳ ପରାଣେ ଦହୁଛି ନାଥହେ ମରମେ ମରମ
ବନ୍ଧୁ ବନ୍ଧୁ ଆସ ଚରଣ ପରଶ ଅନୁରାଗେ ସଜା କୁଞ୍ଜରେ । ୧

ସବୁଗରେ ଗୁହ୍ନା ଉଡନ୍ତି ମାଳାଟି ଉନ୍ମାଦି ଅତି ନୟନ ନୀରେ
ତୁମର ସ୍ୱରୂପ ଲୁଚିଯାଏ ଯେବେ ବରଷା ବାଦଲ ଗଗନ ତଳେ
ସାରା ଜୀବନ ବିଫଳ ବେଦନା ସହୁଛି ଅତି ମରଣ ଯାତନା
ଆସ ପ୍ରାଣେଶ୍ୱର ପ୍ରେମିକ ଶେଖର ଆସ ଆଜି କୁଞ୍ଜ କୁଟୀରେ । ୨ ।

—*—

(କୀର୍ତ୍ତନ)

ଯେଉଁ ପ୍ରେମ ସୁଧା ମୋତେ ଚଖାଅ
ଲେଖାଅ ଶ୍ରୀ ଚରଣେ ଜଣା କଙ୍କର
ଯାଉଥାନ୍ତି ସବୁ ଉଜୁଡ଼ି ଉପୁଡ଼ି
ଏ ମୋର ସୁନାର ସଂସାର । ୦ ।

ଏ ଭବ ଅନ୍ଧାରେ ପ୍ରେମ ସୁଧାକରେ
ଝୁମରେ ଚନ୍ଦ୍ର ଚକୋର
କେ ଜାଣି ଥିଲାକ ଅମୃତ ଝରିବ
ଶୁଷ୍କ କାଲଭେରୀ ଶିଖର । ୧ ।

କୁଳ କଳଙ୍କିନୀ ଅବଳା ରମଣୀ
ଚାହିଁଲା ସେ ପ୍ରେମ ସୁନ୍ଦର
ସେ ପ୍ରେମ ଲଭିଲା ପାଷାଣ ଦ୍ରବିଲା
ନେତ୍ରଜଳ ଧୋଇଲା ପଦୁର । ୨ ।

—*—

Digitized by srujanika@gmail.com

(ସ୍ୱର— ଆହେ ବଳୀକୃତ ଯୁବା:ମେଷ)

ନାହିଁ ହୃଦେ ମୋର ରୂପ ରେଖ ତାର
ନାମଟିତ ଗୁଣି ହେଉଛି ଗୋ । ୦ ।
ଜୀବନଟା ଘେରି ଛଅଟି ବଇରି
ଲକ୍ଷେ ଯେବେ ବାଣ ଆକର୍ଣ୍ଣ ଉଠାଇ
ସେ ନାମ କବଚ ପଲକେ ଆବୋରି
ଅଲକ୍ଷେ ନିଶଙ୍କ କରୁଛି ଗୋ । ୧ ।
ନାମ ଗୁଣେ ଲୁହା ପାଲଟୁଛି ସୁନା
ନାମୁଁ ଝରେ ପ୍ରେମ ସୁଧା ଅକଳଣା
ସେହୁ ମରମର କଳଙ୍କ କାଳିମା
ଘସି ମାଜି ନିଶ୍ଚିହ୍ନ ଧୋଉଛି ଗୋ । ୨ ।
ସତ୍ୟ ଶାନ୍ତି କ୍ଷମା ତ୍ୟାଗ ଗଉରବ
ମିଳୁଛି ସେ ନାମେ ସରଗ ବିଭବ
ରୂପ ନୁହେଁ ରୂପ ପରଶେ ସମ୍ଭବ
ମନକୁ ପ୍ରଶାନ୍ତି ଆସୁଛି ଗୋ । ୩ ।
ନ ଜାଣି କେତେ ଯେ ଅଛି ପ୍ରେମରସ
କଳି ପାଇବ କେ ଅଗାଧ ଅଶେଷ
ନାମ ମହିମାରେ କାଳଭେଷ କ୍ଷୁଣ
ମହୀତଳ ଧନ୍ୟ ହୋଇଛି ଗୋ । ୪ ।
ସେ ନାମ ମୋହର ସାର ଆଶାଧର
ସଂକଟ କାଳେ ମୋ ଶରଣ ପଞ୍ଜର
ସେହି ମୋ ସରଗ ସେହି ମୋ ସଂସାର
ନାମ ଜପାମାଳ କରିଛି ଗୋ । ୫ ।

—*—

Digitized by srujanika@gmail.com

୦ ରାଗ— ଭୈରବୀ
ତାଳ— ଝୁଲ

ଯୀଶୁ ନାମେ ଅମୃତ ଅଛି, ତେ ସୁଧା ଝରୁଛି
ଯେ ଯେତେ ପାରିବ ପିଅ ପାତକୀ
କାଳଭେଦୀ ଗିରି ଶିଖରୁ ସଞ୍ଚରି
ମରତ ମଣ୍ଡଳେ ପ୍ଲାବି ଦେଉଛି । ୦ ।

ତୃଷିତେଲେ ସୁଧା [illegible]ାପିକ
ଲଭିଲେଖେ ଜୀବନଯାକ
ପ୍ରେମେ ଜର ଜର ବାନ୍ଧାର ଭିତର
ପ୍ରେମରେ ପରାଣ କିଣି ନେଉଛି । ୧ ।

ଅସରନ୍ତା ଭଣ୍ଡାର ଦ୍ୱାର
ଲୁଟି ନିଅ ଯେ ଯେତେ ପାର
ପାପୀ କପାଳକୁ ଅନନ୍ତ କାଳକୁ
ଉଛୁଳା ସିନ୍ଧୁକୁ ବଳ ପଡ଼ୁଛି । ୨ ।

Digitized by srujanika@gmail.com

ରାଗ— ଗୌରୀ

ତାଳ — କବାଲି

(ଛପୋଇ ବାଣୀରେ)

ଆଜଯାଏ ଏହା ଜାଣି ନଥିଲୁରେ
ସେ ନାମରେ ଏତେ ପ୍ରେମରସ
ଅମୃତର ସୋତି ସିନ୍ଧୁକୁ ଜିଣିବ
ଶୁଣିଲେ ହୋଇବ ମନ ବଶ । ୦ ।

ପାପୀ ଆଶା ଘର ମୁକତି ମନ୍ତର
ପ୍ରେମ ଗନ୍ଧାଘର ମୁକ୍ତାମେଷ
ପ୍ରୀତି ରସ କୂପ ପାତିଆ ଆଟୋଟା
ଅଭୟ ହୃଦୁଧ ଚରି ଶେଷ । ୧ ।

ସ୍ୱରଗ ସରଣୀ ତମସେ ତରଣି
ଚନ୍ଦ୍ର ଭୂମୁଦ୍ଧା ଓଷଧୀଶ
ସଞ୍ଜୀବନୀ ସୁଧା ଏ ମର୍ତ୍ତ ବସୁଧା
ଆଶା ମୃଗ ବନ୍ଧା ନାଗପାଶ । ୨ ।

ମୋ ଶ୍ରୁତି ସମ୍ପତ୍ତି ସରଗ ବିଭୂତି
ମୁକ୍ତି ସତ୍ୟ ଶାନ୍ତି ସୁଧାରସ
ଦୀନବନ୍ଧୁ ଖ୍ରୀଷ୍ଟ ଜଗତର ଇଷ୍ଟ
ସରଗୁଁ ଗରିଷ୍ଠ ନାମଯଶ । ୩ ।

Digitized by srujanika@gmail.com

(ସ୍ୱର— ସୁନ୍ଦର ହେ ଆଜ)

ଢାଳିଦିଅ ନାଥ ସରଗୁ ଆଶିଷ
ଜାଳିଦିଅ ପ୍ରେମ ଅନଳ
ପୋଡ଼ିଯାଉ ଜଳି କଲୁଷ କାଳିମା
ଅନ୍ତର ହେଉ ହେ ଉଜ୍ଜ୍ୱଳ ।୦।

ଖୋଲିଦିଅ ତୁମ ଜୀବନ ପ୍ରବାହ
ଜଡ଼ତା ହେଉଟି ନିର୍ମୂଳ
ବାଜି ଉଠୁ ତନ୍ତ୍ରୀ ହୃଦୟ [illegible]ରେ
ତୁମ ପ୍ରେମ ଗୀତି ଝଂକାର ।୧।

ମାଜିଦିଅ ମୋର ବାହାର ଭିତର
ହେ ଅନନ୍ତ ପ୍ରେମ ନିର୍ଝର
ସାଜିଦିଅ ନିତି ନୂଆ ନୂଆ ଭାବେ
ଅଧମ ମରମ ମନ୍ଦିର ।୨।

କାଟିଦିଅ ଭବ ମଧୁର ବନ୍ଧନ
ଲୁଟିନିଅ ସବୁ ସମ୍ବଳ
ବାଣ୍ଟିଦିଅ ତୁମ ପ୍ରେମ ସଞ୍ଜୀବନୀ
ଜୀବନ ହେଉ ହେ ସଫଳ ।୩।

Digitized by srujanika@gmail.com

ହେ ଚିର ସୁନ୍ଦର ଅଶ୍ରୁ ଉପହାର
ମେଲଣିର ମାଳା ଗଳେ ଲମ୍ବାଇ
ଗଲ ଯେବେ କହୁ ପ୍ରାଣ ଦୟାସିନ୍ଧୁ
ଗଲାବେଳେ କଥା ମନେ କି ନାହିଁ । ୧ ।

ଦେଖି ଯାଇଥିଲ ସଂସାରର ଗତି
ହଣାକଟା ମରାମରି ଜାତି ଜାତି
ନାହିଁ କାହିଁ ଦୟା ମାୟା ପ୍ରେମ ପ୍ରୀତି
ଅକୃତ୍ୟ ସମ୍ପଦେ ଚହଲାଇଣ ବାଇ । ୧ ।

ଘର ଘର ବଞ୍ଚଲେ ପରମ ଉଗାର
ଭାଇର ଗଳାରେ ଛୁରି ଦିଏ ଛୁରୀ
ସତ୍ୟ ଶାନ୍ତି କ୍ଷମା ଗଲେଣି ପାଶୋରି
ବୃଥା ସ୍ୱାର୍ଥ ମଦେ ପ୍ରମତ୍ତ ହୋଇ । ୨ ।

ତୁମ କଥା କେହୁ ନଭାଳଇ ଦଣ୍ଡେ
ଧର୍ମ ଧ୍ୱଜା ଧରି ବୁଲୁଛନ୍ତି ଦାଣ୍ଡେ
ଧନ ଲୋଭେ ଧର୍ମ କଥା କହି ତୁଣ୍ଡେ
ଲଣ୍ଡଭଣ୍ଡ କଲେ ପଦ୍ଧସ ମହୀ । ୩ ।

ଏହୁବେଳେ ହେନେ ଆସିବା ପାଇଁକି
କହି ଯାଇଥିଲ ଆସିବ ନାହିଁ କି
ଚାହିଁ ଚାହିଁ ବାଟ ଗଲଣି ମୁଁ ଥକି
ତୁମ ବିନା ଗତି ମୁକତି କାହିଁ । ୪ ।

Digitized by srujanika@gmail.com

(ସ୍ୱର— ବସିଛୁ ହେ ପାଦତଳେ)

ପ୍ରଭୁ ଯୀଶୁ ଦେଖା ମୋତେ ଥରେ
ବଡ଼ ଆଶା ବାନ୍ଧି ପ୍ରାଣେ ଆସିଛି ମୁଁ ତୁମ ଦ୍ୱାରେ । ଘୋଷା।

ପରମାନନ୍ଦ ସୁନ୍ଦର ଅନୁପମ କଳେବର
ଆଜି ଏ ହୃଦୟେ ମୋର
ଫୁଟୁଥିବ ପ୍ରେମ ଫୁଲେ । ୧ ।

ଜ୍ୟୋତିପୁଞ୍ଜ ମୂରତି ହୃଦୟ କନ୍ଦରେ ପଶି
ଅନ୍ତରର ଅମାନିଶି
ନାଶି ଶୋଭୁ ଜ୍ଞାନେ ଜାଳେ । ୨ ।

କାମନା ମୋହ ମାଦକ ପାପଜ ଅଳୀକ ସୁଖ
ଦେଖି ଶ୍ରୀମୁଖ ମୟୂଖ
ନବହିଁବ ଅନ୍ତରାଳେ । ୩ ।

ଆସେ ଦେଉ ଦରଶନ କଣି ରଖ ଏ ଜୀବନ
ସଫଳ ହେଉ ଜନମ
ତୁମ ମହା କୃପା ବଳେ । ୪ ।

—*—

Digitized by srujanika@gmail.com

୭

ବାରେ ଯୀଶୁ ନାମ କହ ବନ୍ଧୁ ଆଜ
ଗଜବ ଚରଣ ଆଜ ଭକତି ଫୁଲେ ପୂଜ । ଧ୍ରୁ ।

ମରମ ଦୁଆର ଫେଡ଼ି କରପଟେ ଗୁହାରି
ଦେବେ ପାପ ଶାପ ବାରି
ହୋଇବ ମୁକ୍ତି, ଭେଟିବ ଶାନ୍ତି
ଭବରଙ୍ଗ କୁସଙ୍ଗ ବରଜି । ୧ ।

ହୃଦୟୁ ଧୂପାଣ୍ଡି ଧରି ପ୍ରେମ ମନ୍ତ୍ର ଉଚ୍ଚାରି
ଆସ ଆସ ହୋଇ ମେଳ
ପୂଜିବା ପଦ, ସ୍ୱର୍ଗ ସମ୍ପଦ
ପଦ ପଙ୍କଜ ଭକ୍ତ ସଙ୍ଗାଳି । ୨ ।

Digitized by srujanika@gmail.com

(ରାଗ—ସିନ୍ଧୁ ଆଡ଼ଠେକା) ।

ଶେଷ ନ ହେଲଣି ତବ ଅଶେଷ କୃପା ଭଣ୍ଡାର
(ତେବେ) କାହିଁକି ଏତେ ଉଦାସ
ନେବାକୁ ପାତକୀ ଘର । ୦ ।

ଦେଖି ମୋ ଅମାପ ପାପ ଥରୁଛି କି ବକ୍ଷ ତବ
ଲୋପ କି ପ୍ରେମ ସ୍ବଭାବ
ଦୁଷ୍କୃତ କରଣେ ଦୂର । ୧ ।

ପ୍ରଭୁ ହେ କି ଅକାରଣ ହୋଇଗଲ ନିଷ୍ଠୁର କଷଣ
କଣ୍ଠୀ ମୁକୁଟ ଭୂଷଣ
ବକ୍ଷରେ କାହିଁ ପ୍ରହାର । ୨ ।

ଶ୍ରୁତିରେ ଶୁଣିଛି ଏବେ ଭଣିଛ ଯା ଶ୍ରୀମୁଖରେ
ଯେ କେହି ଆସେ ମୋଠାରେ
କେବେ ନ କରିବ ଦୂର । ୩ ।

ମୋ ପରି ପାତକୀ ପାଇଁ ତ୍ରିଭୁବନେ ଠାଇଁ ନାହିଁ
ଶୁଣି ମୁଁ ଆସିଛି ଧାଇଁ
ତବ କରୁଣା ପ୍ରଚୁର । ୪ ।

—*—

Digitized by srujanika@gmail.com

(ଭୁଇଁଆର; ତାଳ — ଝୁଲା)

୭

ପାତକୀ ଜୀବନ ଧନ ହେ
ଗିରି ଚୂଳେ କ୍ରୁଶ ମୂଳେ ମୁକତି ଲୁଟାଉ ହେ । ଘୋଷା ।

ପାତକୀ ଡାକକୁ ଘର କାନଡେଇ ଧାଉ ହେ
ମୁଁ ତାକଇ ମେଘଡଙ୍କ ଛପି ଛପି ଯାଉ ହେ
ଗୁପତରେ ଛଳନା ଭରି ଦେଇ
ଗିରି ଚୂଳେ କ୍ରୁଶ ମୂଳେ ମୁକତି ଲୁଟାଉ ହେ । ୧ ।

ମୃତଦେହେ ପୁଣି ନୂଆ ଜୀବନ ଦେଉଅଛ ହେ
ଦଗଧ ପରାଣ ଶୀତଳାଇ
ଧୂଳୁ ଧୂଳୁ ବୁକୁ ତଳେ ଆଶା ଦେଉଅଛ ହେ
ଶାନ୍ତି ସୁଧା ଯତନେ ମଣ୍ଡାଇ
ପତିତ ପାବନ ବାନା ଜଗତେ ଉଡାଉ ହେ । ୨ ।

କଣ୍ଟାର ମୁକୁଟ ବନ୍ଧି ଜଗତ ଉଲ୍ଲାସରେ
ଆଜନମ ପାପ ତାପ ନିଭାଇଲୁ କ୍ରୁଶରେ
ନରଗଣ ପାତକୀ ଯେତେ ହେଉ
ତାହାଲାଗି ପ୍ରେମ ସୁଧା ନିତି ଉଛୁଳାଉ ହେ । ୩ ।

Digitized by srujanika@gmail.com

(ରାଗ— ଚୋଡ଼ ଘରେଜ)

ରେ ମାନବ, ଯୀଶୁଖ୍ରୀଷ୍ଟ ନାମ ସାର
ଅନିତ୍ୟ ସଂସାରେ ନିତ୍ୟ ସତ୍ୟ ଧ୍ରୁବ
ମହା ମୁକ୍ତି ତତ୍ତ୍ୱ ସାର । ଘୋ. ।

ଅଶେଷ ଦୂଷଣ ଦୁରିତ ବାରଣ
ପ୍ରେମ ସୁଧା ସିନ୍ଧୁ ପୂର
ଅଣାକାର ବ୍ରହ୍ମ ଅନନ୍ତ ଜ୍ୟୋତି ମେ
କୋଟି ସୃଷ୍ଟି ଆଧାର ମୂଳ । ୧ ।

ପ୍ରେମିକ ଜନର ଗୋପନାଭିସାର
କୁଞ୍ଜେ ନିକାଞ୍ଚନ ଫଳ
ଦଗ୍ଧ ଦୁଃଖ ତମ ଅନ୍ତକ ଅରୁଣ
ମରଣ ଜଣା ମନ୍ତ୍ର । ୨ ।

ପାତକୀ ଅନ୍ତରେ ଅମୃତ ଉତ୍ସକେ
ଝଙ୍କୁଲେ ଥରେ ମାତର
ଶାନ୍ତି ମୁକ୍ତି ଭୁକ୍ତି ବିଧାତ୍ରୀ ଶକତ
ପରମ ତୃପତ କୋଳ । ୩ ।

ଖଣ୍ଡିଛି ତୋ ଦଣ୍ଡ ତଳେ ହୃଦପିଣ୍ଡ
ଅଖଣ୍ଡ ପ୍ରେମ ଭଣ୍ଡାର
ମନୋଜ ଘାରଲେ ସେ ପ୍ରେମନିଧିଙ୍କି
ମୂକତ କେତେ ମାତର । ୪ ।

Digitized by srujanika@gmail.com

(ସ୍ୱର – ଦଅ ସତ୍ତ୍ୱର ଜଳ) ୭

ପ୍ରଭୁ, ସବୁତ ଜାଣ
ମୁଁ ଯେ ଅବୋଧୀ ଅକିଞ୍ଚନ
ନାହିଁ ଧର୍ମ କର୍ମ ଜ୍ଞାନ ପୁଣ୍ୟ । ୦ ।

ପାପ ପ୍ରଚ୍ଛଦର ଖର ଶାଣ ଶର ବରଷି ବଜ୍ରୁଳ ସମ
ବିଦାରି ଅନ୍ତର ଶାନ୍ତିକରେ ଜର୍ଜ୍ଜର ସମ୍ବଳ ମାତ୍ର କ୍ରନ୍ଦନ । ୧ ।

ବିଶ୍ୱ ଜଞ୍ଜାଳ କାମନା ଗରଳ ଧାଇଁବଏ ଜଗିଜନ
ପ୍ରତିହିଂସା ଲୋଭ ଆଳସ୍ୟ ବିଳାସ ଜୀବନ କଲା ଆଚ୍ଛନ୍ନ ।୨।

ଶ୍ରୀଚରଣ ଧ୍ୟାନ ବେଳକୁ ଗୋପନ ଅପକର୍ମ ଅନୁଷ୍ଠାନ
ଭଗାଇ ମୁକ୍ତିକ ଜଳାଏ ଗ୍ରନ୍ଥିକ ଚିନ୍ତାଚରା ଅବଶ୍ରମ । ୩ ।

ନଇରାଶ୍ୟ ତମ ବିଧ୍ୱଂସି ତପନ ଆଶାନନ୍ଦ ଉଦ୍ଦୀପନ
ଏ ଘୋର ସଂକଟେ ଚିଦାକାଶ ପଟେ ଉଇଁ ଆସ ପୂର୍ଣ୍ଣ ବ୍ରହ୍ମ ।୪

—*—

Digitized by srujanika@gmail.com

ମାୟା ମେଳା ଲୀଳା ଖେଳା ଭାଙ୍ଗି ସରିବ,
ରେ ଭୁଲ ମାନବ । ଧ୍ରୁ ।

ଦାରାସୁତ ଧନ ମାନ
ଅଳକ ସପନ ସମ
ଛାଡ଼ିଯିବୁ କେଉଁ ଦିନ
ଡାକ ପଡ଼ିବ, ରେ ଭୁଲ ମାନବ । ୧ ।

ବନ୍ଧୁ ସବୁ ମୋର ମୋର
କେବଳ ସ୍ୱାର୍ଥର କାର
ଦୁଇଦିନର ଧୂଳିଘର
ଭାଙ୍ଗିଯିବ, ରେ ଭୁଲମାନବ । ୨ ।

ନିତ୍ୟଧାମ ମଙ୍ଗଳପଥେ
ଯିବାକୁ ତୋ ସାଥେ ସାଥେ
ଡାକିଲୁ ନାହିଁ ଯେ ତୋତେ
ସାହା ହୋଇବ, ରେ ଭୁଲ ମାନବ । ୩ ।

ବୁକୁରେ ବର୍ଚ୍ଛା ଲାଞ୍ଛନ
ହାତ ପାଦେ କଣ୍ଟା ଚିହ୍ନ
ସେହି ଅଭୟ ଚରଣ
ସାର ଭଜିବ, ରେ ଭୁଲମାନବ । ୪ ।

Digitized by srujanika@gmail.com

କେତେଧନ ପାଇଁ ଏତେ କଳଗୋଳ ବୋଲଣା
ଭଙ୍ଗୁର ଭୂବନ ଘର ଜାଣୁ ଜାଣୁ ଅଜଣା । ଘୋଷା ।

ଧୂଳିରେ ଗଢା ସଂସାର   ତର ଏଥି ଧୂଳିଘର
ଛନେ ଭାଙ୍ଗି ଯିବ ତୋର
ଧୂଳି ମାଟି ଖେଳଣା । ୧ ।

ଯାକୁ ମଣୁ ସୁଖ ସାର   ସେ ଯିବା ଗୁର ଛୁଟକାର
ଅନ୍ତିମ ସମ୍ବଳ ପର-
ଅରଜିବା ପାଉଣା । ୨ ।

ଜମି ଜମା କୋଠା ବାଡ଼ି   ହାତୀ-ଘୋଡ଼ା ଗାଡ଼ି ଯୋଡ଼ି
ସବୁ ଧନେ ଯିବୁ ଛାଡ଼ି
ହଜିଗଲେ ଚେତନା । ୩ ।

ତେବେ କର୍ମା ସ୍ୱାର୍ଥେ ଭଜ   ଈଶ୍ୱର ସ୍ନେହ ଭଗାର
ଈଶ୍ୱର ହୃଦୟ ତର
କାର୍ଣ୍ଣିସ୍ତମ୍ଭ ରଚନା । ୪ ।

ଛାଡ଼ ସ୍ୱାର୍ଥ ହିଂସା ଦ୍ୱେଷ   ଯେଣେ କାଲଭରି କ୍ରୁଶ
ଝରେ ଅତ୍ୟ ସୁଧା ରସ
ଖାଲି ପ୍ରୀତି କରୁଣା । ୫ ।

—※—

Digitized by srujanika@gmail.com

(ବଣା—ଆଜ କଣ୍ଠ ପ୍ରଭୁ ଶୁଣ୍ଡେଁ ନା……)

ତୁମରି ସଙ୍ଗିଣୀ ମୋ ଜୀବନ କୁଞ୍ଜେ
ବାଜୁ ଅଶିଦନ ବାଜୁ ହେ
ତୁମରି ସୁରୁଚି ହୃଦୟ ମନ୍ଦିରେ
ସଜୁ ନିରବଧି ସଜୁ ହେ ।୦।

ଆଲୋକ ତୁମରି ଗରଗଣ ତମାର
ଶାନ୍ତିଦୂତ ସ୍ୱରେ ରଞ୍ଜୁ ହେ
ତୁମ ଆକର୍ଷଣେ ତୁମର ପରଶେ
ଯୁଗ ଯୁଗ ଚନ୍ଦ୍ରା ଭଜୁ ହେ ।୧।

ତୁମଙ୍କ ପ୍ରେମର ମନ୍ତ୍ର ଝୁଆର
ବହଣି ବେଦନା ଗଞ୍ଜୁ ହେ
ତୁମ ସଙ୍ଗତର ବଇଭବ ଅନ୍ତର
କେତେ ନୂଆ ଛନ୍ଦେ ସାଜୁ ହେ ।୨।

ବାନ୍ଧିରଖୁ ମୋତେ ତୁମ ପାଦତଳେ
ତୁମରି ପ୍ରଣୟ ରଙ୍ଗୁ ହେ
ତୁମର ମଞ୍ଜୁଳ ସଙ୍ଗୀତ ମୂର୍ଚ୍ଛନା ଲୟେ
ମୋ ଚେତନା ଡୁବୁ ହେ ।୩।

Digitized by srujanika@gmail.com

ଏ ଜଗତେ ଏକଇ ଧନ

କ୍ରୁଶ କାଲଭେରି ମହିମା ଗାନ । ଘୋ ।

ନିଶୀଥ ସମୟେ ଗେଥ୍‌ସିମନି ବନେ
ପ୍ରେମ ବେଦନାର କାତରି ସ୍ୱନ
କିଦ୍ରୋଣ ନଈର ଶୋକଗୀତ କଳତାନେ
ମିଶିଯାଉ ମୋ ଆତ୍ମା ତାନ । ୧ ।

ଆଉବେ ସୁକୃତ ଅରପି ଭକତ
ଯା ଯଶ ଗାଉଛ ଭବେ ବଖାନ
ଢାଳେ ସନ୍ଧ୍ୟାପ୍ରାତେ ପକ୍ଷି କଳକଣ୍ଠେ
ଯେ ମହାସଂଗୀତେ ଆକୁଳ ତାନ । ୨ ।

ସୃଷ୍ଟି ଛନ୍ଦେ ଛନ୍ଦେ ଶୁଭେ ମେଘ ମନ୍ଦ୍ର
ଦାରୁଣ କ୍ରୁଶର କରୁଣ ତାନ
ସେ ସ୍ୱର ତରଙ୍ଗେ ମିଶିଯାଉ ରଂଗେ
କ୍ଷୁଦ୍ର ହୃଦସ୍ୱର ଦରେଶି ଗାନ । ୩ ।

କ୍ରୁଶେ ଧାର ଧାର ଯା ପୁଣ୍ୟ ରୁଧିର
ଧୁଏ ବିଶ୍ୱପାପ ଦୁଃଖ ଦୁଷ୍ଟ
ସ୍ୱର୍ଗ ସୁଖ ସୀମା ଖ୍ରୀଷ୍ଟ ମହିମା
ଗାନେ ବଢ଼ିଯାଉ ଗୁଣ ଜୀବନ । ୪ ।

(ରାଗ—ମହ୍ଲାର; ତାଳ-ତ୍ରିପୁଟା)

[illegible]

କରୁଣାରେ, ମୋର ପ୍ରାଣରେ,
ବଜାଅ ହେ ପ୍ରେମ ତାନ ମଧୁରେ । ଘୋ ।
ନବୀନ ଛନ୍ଦରେ ଆଜ
ଉଠୁ ଏ ମରମର ବାଜ ହେ
କରୁ ସ୍ତମ୍ଭ ପ୍ରେମେ ଚରାଚରେ । ୧ ।

ମରମେ ମରମେ ପଶି
ସୁପ୍ତ ସୁପ୍ତେନ୍ଦ୍ରିୟ ଭଜ ହେ
ନବ ପ୍ରାଣ ଉଠୁ ଜାଗି ସ୍ୱରେ । ୨ ।

ଜ୍ୟୋତିଷ୍କ ମଣ୍ଡିତ ଭବ
ମରଣ ଭୟ ଭଜାଇ ହେ
ଅମୃତସ୍ୱ ଚନ୍ଦାଣି ବର୍ଷରେ । ୩ ।

*

Digitized by srujanika@gmail.com

(ସ୍ୱର—ସାବେରୀ, ଆଡ଼ତାଳୀ)

ମହାପ୍ରଭୁ ହେ, ମୁଁ ତ ଅରପି ଦେଇଛୁ ଶ୍ରୀଚରଣେ ହୃଦୁ । ୦ ।
ପାଶେ ଥାଉ ସ୍ୱଚ୍ଛନ୍ଦ ବାସ;
ତୁମ୍ଭ ବନ୍ଧନେ ମୁଁ ସର୍ବଦାସ
ପଦ ପଙ୍କଜେ ତ ମଧୁଲୁବ୍ଧ,
ଲୋଭୀ ମନମତ୍ତ ଭୃଙ୍ଗ ଜୀବଧି ଲଭୁ । ୧ ।

ଧନମାନେ ନ ଛୁଟଇ ମନ,
ତୁମେ ବିନା ମୋ ବାଞ୍ଛିତ ଧନ
ଆସୁ ପଛେ ଘୋର ଦୁଃଖ ତମ;
ନାହିଁ ତହିଁକି ଶୋଚନା ଶ୍ରୀପାଦ ପ୍ରଭୁଁ । ୨ ।

କର୍ମକ୍ଳାନ୍ତ କୋଳାହଳ ତଳେ,
କାହିଁ ଲୁଚିଯାଅ କେତେ ବେଳେ
କାନ୍ଦି କାନ୍ଦି ମୁଁ ଅଣ୍ଡାଳି ବୁଲେ,
ଅମା ଅନ୍ଧାର ପ୍ରସଙ୍ଗେ ଭୀତ ଚିତ୍ତ ନଭୁଁ । ୩ ।

ଆଜ କାହିଁ ନାହିଁ ଭଲେ ଆଶ,
ଚରଣ ସନ୍ନିଧି ମୋ ହେଉ ବାସ
ତହିଁ ନ ଲାଗେ ମରଣ ତ୍ରାସ,
ତିନି ଭୁବନରେ ତୁମେ ସବୁରେ ମୋ ସବୁ । ୪ ।

Digitized by srujanika@gmail.com

ରାଗ—କେଦାର ଗୌଡ଼ା, ଝିପୁଟା
(ଟମ୍ପୁରର 'ଓ' ଗୀତ ଅନୁରୂପ)

ଭଜମନ, ଭବତାରଣ ସତ୍ୟ, ସଂଘେଜ ପଦଦ୍ୱନ୍ଦ୍ୱ ! ଘୋ ।

ଭବ ସାବଲେଶ ମଜ୍ଜି, ଅଗ୍ନାନ୍ତି ଦରଜ, ମନରେ,
ଭବଗ୍ରାହୀ ଷଟେଦ କ୍ଷୁବ୍ଧ ଭ୍ରମନରେ,
ଘଟେ ଅରପ ପ୍ରେମ ଅଞ୍ଜଳି,
ଭୀତ ଚଉ ବୃଥା ଚିନ୍ତା ତରଙ୍ଗେ ଦଳ । ଭକ୍ତ ସଖା ସେ ।
(ପଦ)
ଭଙ୍ଗଧିବ ରୋ ହୃଦ; ନବ ପ୍ରମୋଦ ଜଦ, ଜ୍ଞାନନନ୍ଦ କୁମୁଦ,
ଶାନ୍ତ ପ୍ରୀତି ମକରନ୍ଦ, ପ୍ରସର ମନ୍ଦ ମନ୍ଦ, ଷଡ଼୍‌ଭୃଙ୍ଗରେ,
ରତନ ନିଶଙ୍କ ସ୍ୱର୍ଗ ସୁଖ ରାଜନ । ୧ ।

ଭକତ ନଭ ଚାନ୍ଦ, ନବକ୍ଷୁଢ଼ ସରଜାତ, ଯେନାରେ,
ଭବସାଗର ଭୟ ନିଶ୍ଚିନ୍ତ ଶରଣରେ,
ଭବ ଯାତନା ଦହ ସମୂଳେ,
ଭୀଷଣ ସେ ନିଶ୍ଚିତ ଦୃଶ୍ୟ କାଳକୂଟ ତୁଲେ । ଭଗବାନ ସେ ।
(ପଦ)
ଭକ୍ତ ମାନବ କଣ୍ଠ; ମଣ୍ଡି କଣ୍ଠା ମୁକୁଟ; ଝଙ୍କାରି କୁଣ୍ଡିତ,
ରକ୍ତ ଧାରେ ପ୍ରକଟ, ଖଣ୍ଡ ପ୍ରେମ ନିପଟ, ଗୁହାରେ,
ଦରଶେ ଶ୍ରୀମୁଖ ତେଜ କୋଟି ତପନ୍ତୁ ଉଜ । ୨ ।

Digitized by srujanika@gmail.com

ଉଚ୍ଛ୍ୱସିତ କଲ୍ଲୋଳ; ଯେବେ ହୋଇବୁ ପାର; ମନଃର
ଉତ୍ଫୁଲ୍ଲ ହେଲା ସ୍ପର୍ଶାବେଦନରେ, ୨
ପଶି ଆନନ୍ଦ ଧାମ ବନ୍ଦରେ,
ଭେଟିବୁ ତୁ ସ୍ୱଦେଶୀଙ୍କ ହୃଦାନନ୍ଦରେ । ଶୁଭ ହେଲା ସେ ।

(୫୬)
ଭାଗ୍ୟ ଫଳିବ ଶିବ; ସଖା ବୋଲି ଜାଣିବ; ଶ୍ରୀକରେ ଆଶ୍ୱାସିବ;
ଆଲିଙ୍ଗନେ ତୋଷିବ, ପ୍ରେମାଶ୍ରୁ ବରଷିବ; ସ୍ନେହଭରେ;
ଅଙ୍କେ ମଣ୍ଡିବୁ ଆଜ ପଦ ପଙ୍କଜ ରଜ । ୩ ।

Digitized by srujanika@gmail.com

(ରାଗ—ଭୈରବ, ଅଠତାଳ)

ଜଗତ୍ରାତା, ଜଗିତଳ କର ଓ ନ୍ମ ହେ
ଭବସିନ୍ଧୁ ଥଳ କୂଳ ନାହିଁ ହେ । ଘୋ ।

ଭକତ ବତ୍ସଳ ତୁମ୍ଭେ ପରମ କୃପାଳୁ
ଭକତ ଜନ ଲକ୍ଷକୁ କୋଟିଏଥି ସ୍ନେହୁ
ଘାବ ନୟନେ ଭକତର ଚରଣ ଶଙ୍ଖକୁ
ମମତାରେ କୋଳେ କୋଳ୍ପ ହେ ।୧।

ପ୍ରେମ ପରିଚୟ ତୋର କଣ୍ଟାର ମୁକୁଟ
ସ୍ଥାପିଲ ସେ ପ୍ରେମ ସ୍ପର୍ଶ କ ଲବଣ କଟ
ସ୍ତବଗର ଜନ୍ମ ନାଶି ପାପ କାଳକୂଟ
ଅମୃତେ ଖୋଇଲୁ ମର୍ତ୍ତ୍ୟ ହେ । ୨।

ତୋର ସ୍ୱକ ନାବ ଶେଷ ସମ୍ବଳ କେବଳ
ତରିବାକୁ ଏ ଜଳଧି ତରଙ୍ଗ ଉଚ୍ଚଳ
ଜବଡ଼ ନୈରାଶ୍ୟ ତମ ଅନନ୍ତ ବିସ୍ତାର
ଅନ୍ୟ ଗତି ମୋର ନାହିଁ ହେ । ୩।

ଅଭୟ ଚରଣ ଜାଣି ପଶିଲି ଶରଣ
ଅଧମ ବୋଲି ନ ହେବୁ କରୁଣା କୃପଣ
ଏତିକ ମାଗୁଣି ସଦେ ଜପୁଁ ଜପୁଁ ନାମ
ତରିବ ମରଣ ନଈ ହେ । ୪

Digitized by srujanika@gmail.com

(ସ୍ୱର - ଭୈରବୀ, ଏକତାଳ)

ଏତ ସନ୍ଧ୍ୟା ପ୍ରାତେ ତୁମର ଉଦ୍ଦେଶେ
ନ ଦେଲି ହୃଦୟ ଖୋଲି
ପାପ ବିଜୃମ୍ଭିତ ଶଙ୍କିତ ଏ ଚିତ୍ତ
କଲୁଷ କଳଙ୍କ ଲିପ୍ତ ନାହିଁ । ଧ୍ରୁ ।
ଜପ ତପ ଦାନ ଭଜନ ପୂଜନ
ବୃଥା ହେଲା ସବୁ ଶେଷେ
ତୁମ ରୂପ ଜ୍ୟୋତି ଚିନ୍ତନ ନାହିଁତ
ତମୋମୟ ଚିତ୍ତ ଦେଶେ
ତୁମର ଶୋଣିତ ସ୍ରୋତେ କୃପାକରି
ଧୁଅ ହୃଦ ଧୁଅ ଅନ୍ତର ପଙ୍କିଳ
ଢାଳି ଦିଅ ତୁମ ପ୍ରେମର ମାଧୁରୀ
ଶ୍ରୀ କରକମଳ ପରଶ ଦେଇ ।

Digitized by srujanika@gmail.com

(ଗଙ୍ଗ ଦମ୍ଭ ଅଭିମାନ କାହିଁକ ଏତେ — ବୃତ୍ତ)

ଓ

ହେ ଜୀବନ ଅମୃତ ମହାମନ୍ତ୍ରମ
ଅନନ୍ତ ଜୀବନ ଜ୍ୟୋତି ପୁରୁଷୋତ୍ତମ ।୦।

ମହିମା କରେ ପ୍ରଚୁର ତରୁଣ ଅରୁଣ କର
ପକ୍ଷୀ ସଙ୍ଗୀତ ମୁଖର, ଉଷା ପବନ ।୧।

ବିକାଶେ କୁସୁମ ଦଳ ଛନ୍ଦର ରଚନା ପଣ
ସୁଷମା ସୃଷ୍ଟି ଅଶେଷ, ସୁନ୍ଦର ପଣ । ୨ ।

ଗୁଞ୍ଜରେ ଭ୍ରମର ପନ୍ଥ ଚରଣ ବନ୍ଦନା ଗୀତ
ସେ ସଙ୍ଗୀତେ ସାରା ସୃଷ୍ଟି, ଭାବ ମଗନ । ୩ ।

ମୋ ହୃଦୟ ବୀଣାତାରେ ତୁମ କରଜ ପ୍ରହାରେ
ନାଚି ଉଠେ ତାନ ତାନେ, ଝର ସ୍ପନ୍ଦନ । ୪ ।

ଅଶେଷ ମହିମା ତବ ଗାଇ ଗାଇ ଯାଉ ଜୀବ
ଅଭୟ ପଦ ପଲ୍ଲବ, ଶେଷ ଶରଣ । ୫ ।

— * —

Digitized by srujanika@gmail.com

ଘୁଚିଆଉ, ଆନ୍ଧାରୀ
(ସୁର— ଆନନ୍ଦ ଭଜମନ)

ଆଜ ଦୁଃଖ ହାସ୍ୟ, ଲୁଟି ପାଉଛୁ ଜୀବନୁ ସୁଖ ଶିଖ
ପ୍ରୀତି ଧଇର୍ଯ୍ୟ ବିଶ୍ୱାସ ବନ୍ଧୁ ଟାଳେ । ୦ ।

ଅବିଦ୍ୟା ଅନ୍ଧାର ମୋହ ମାୟା
ହିଂସ୍ର କାମମୟୀ ମୃତ୍ୟୁ ଛାୟା
ଦେଖିଲେ ଦେଖ ଭିନ୍ନ ବର୍ଣ୍ଣ ନର ନୟନ
ଅବଲୋକ ନିତ୍ୟ କାଲବେଶ । ୧ ।

ସ୍ୱାର୍ଥପର ଚାର ମଦେ ମାତି
ହଣାକଟା ଦେଶ ଜାତି ଜାତି
ଭାଇ ଭାଇ ହୋଇ ପରମ ଭଗାଣି
ଭାଇର ଗଳାରେ ଧରେ ଛୁରୀ । ୨ ।

ବେଗ୍ରେ ବେକ ପାପ ବଳାଇଣି
ହିଂସାନଳେ ଦୃଷ୍ଟି ଜଳାଇଣି
ଆଜ ଶାନ୍ତିନିଧି କରୁଣା ବାରିଧି
ରକ୍ଷାକର ପ୍ରଭୁ ଅବତରି । ୩

***

Digitized by srujanika@gmail.com

(ରାଗ – ସିନ୍ଧୁ ଖମ୍ବାଜ, ଦାଦରା)

(ମୋ'ରେ) ଲୁଚି ଲୁଚି ଡାକେ କିଏ
ଚମକ ଚକିତେ ଘୁଞ୍ଚି ଘୁଞ୍ଚି ଉଠେ
କେହିତ ଦେଖା ନଦିଏ । ୦ ।

(ତାର) ଚଞ୍ଚଳ ଚରଣ ଗତି,
ଥରଣି ଯାଏ ମୋ ସ୍ମୃତି
ହାତେଣ ଉଚ୍ଛି ହଳ ଧରେ ମୁଁ ଅଞ୍ଜଳି
ସେ କେଉଁଣି ଉଭେଇ ଯାଏ । ୧ ।

(ତାର) କୋମଳ ପ୍ରେମ ପରଶ;
ମରମେ ଡାକେ ଉଲ୍ଲାସ
ଆକୁଳ ଆବେଗେ ଛାଡ଼ି ଭୁଜଯୁଗେ
ଶୂନ୍ୟେ ଆଲିଙ୍ଗନ ଦିଏ । ୨ ।

(ଯେବେ) ଆସଇ ଅନ୍ଧାର ରାତି,
(ତାର) ଆଲୋକ ଉଠେ ଝଲସି
ଦୁଃଖ ତମ ନାଶି ସେ ଯେ ହସି ହସି
ପଲକରେ ଲିଭିଯାଏ । ୩ ।

(ଅଛି) ଅଛି ତା ଚରଣ ଚିହ୍ନ,
(କହିଁ) ରଜତର ଛଟାମାନ
ଯାହାଁ ଦସ୍ତାବଧି ଦୁଃଖର ଦରଦୀ
ଭରସେ ଥରେତେ ଛୁଏ । ୪ ।

—※—

(ସ୍ୱର — ଆରେ ମୋର ବାଇଆ ରଜା)

ଆସ ଆସ ଆସରେ ବେଗେ,
ଯିବ (ମଗ) ଜଏ ଆନନ୍ଦ ଧାମ
ମୃତ୍ୟୁ ସିନ୍ଧୁ କୂଳରେ ଡାକେ ନୂଆନାଟେ ମାଝୀ ଜଣେ । ୧ ।

ଡାଳ ଜଳ ବୃକ୍ଷ ଉଜଡ଼, ଗଢ଼ିଛି ଏ ଅଭୟ ଘୋଡ଼
ସ୍ୱର୍ଗ ବାଟ ଆଘ୍ରାଣ କାଟ, ଧୀରେ ଗୃହେ ଝଡ଼ ତୋଫାନେ । ୨ ।

ନଏନାହିଁ ଟଙ୍କା କଉଡ଼ି, ଫାଶେ ଗଲେ ବଏନା ଛଡ଼ି
ବିନାମୂଲ୍ୟ କରୁଛି ପାର, ଦୀନ ଦୁଃଖୀ ପ୍ରାଣୀ ଅଧମେ ।।

ସେ ପୁରରେ ଅତୁଳ ଶୋଭା, ପ୍ରେମମୋହନ ରତନେ ଗଢ଼ା
ସୁବାମେଷ ଶ୍ରୀଅଙ୍ଗ ପ୍ରଭା, ଜନ୍ମେ ରବି ଶଶୀ କିରଣେ । ୩ ।

ନାହିଁ ତହିଁ ପାପ କଳଙ୍କ, ଅଛି ଶାନ୍ତି ଆନନ୍ଦ ସୁଖ
ଜନ୍ମ ମୃତ୍ୟୁ ସନ୍ତାପ ଶୋକ, ଦେଖା ଶୁଣା ନାହିଁ ସପନେ । ୪ ।

ଭଗ୍ନାବଧି ଅସନ ଭେଦ, ବହେ ଚିର ଜୀବନ ନଦୀ
କଳ୍ପତରୁ ଶ୍ୟାମଳ ଛବି; କୂଳେ କୂଳେ ନୟନ ରମେ । ୫ ।

ଜଡ଼ ନୂଆ ଶୋଭ ସଦନ; ଅବଲୋକ ବାଞ୍ଛିତ ଧନ
ଧନ୍ୟ ହେବ ନର ଜୀବନ; ଚିର ପ୍ରେମମୟ ଗହଣେ । ୬ ।

—*—

Digitized by srujanika@gmail.com

(ସୁର—କି ମଧୁର ମନୋହର ମୋ ଶ୍ରବଣେ ଯୀଶୁନାମ)

ଦିବ୍ୟ ଅବତାର ଯୀଶୁ ଅବତୀର୍ଣ୍ଣ ଧରାତଳେ
ପାପର ମାରକା ଜନେ ଅଭୟ ବର ଦାତରେ । ଧ୍ରୁ ।
ତ୍ରିପଦ ଭଞ୍ଜନ ଗୁଣେ
ସମ ନାହିଁ ଆଉ ଜଣେ,
ପାଶେ ଥିଲ ଘର ଶୁଣେ
ଯେ ଡାକେ ଆକୁଳେ ଥରେ । ୧ ।

କରୁଣା ଜଳଧିରୁ
ଦୁବ କଣ୍ଠାରେ ଦନ୍ତି,
ଛାଡ଼ୁନ୍ତି ନଥିଲ ଦୂରୁ
ଅନୁତାପୀ ପାପୀ ନରେ । ୨ ।

ଶୋକ ସନ୍ତାପ ଦୁର୍ଦ୍ଦିନେ
ଅନ୍ତର ସଂଗୋପନେ
ଉଦ୍ଧର ଧରେ ଯତନେ
ପ୍ରେମମୟ ନିଜ କୋଳେ । ୩ ।
ଯେ ଯାହା ମାଗେ ତା'ଠାରେ
ଯାଚିବ ଏ ଅକାତରେ,
ଧନ ଜନ ସ୍ୱର୍ଗ ରାଜ୍ୟ
ଯୀଶୁ ନାମେ ସବୁ ମିଳେ । ୪ ।

*

Digitized by srujanika@gmail.com

(ସୁର — ଭଜନା ଭୂ ଆନନ ଲସନାରେ)

(ମୋତେ) ଯୀଶୁନାମ ଭଲ ଲଗେ ରେ
ନାମେ ସୁକମଳ ପ୍ରେମ ଢଳ ଢଳ ମୁରଲୀ ଅନ୍ତରେ ଜାଗେରେ ।୦।

ଯୀଶୁ ନାମଟିତ ପ୍ରେମ ସୁନ୍ଦର   ପ୍ରେମ ଅଙ୍କୁରର ଆଦ୍ୟ ଉଚିତ
ପ୍ରେମ ଦ୍ରାକ୍ଷା ଲତା ଫଳେ ଆନମିତା
ହୃଦକୁଞ୍ଜ ପୁରୋଭାଗେରେ ।୧।

ଯୀଶୁ ଜନ ମନ ମୋହନ ମନ୍ତ୍ର   ମହା ପାତକୀ ଶରଣ ପଞ୍ଜର
ନୃଶ କାଳଭେଶ ମହିମା ଗାଉଛି
ଅନନ୍ତ ପ୍ରେମ ପ୍ରସଙ୍ଗେ ରେ ।୨।

ଦୁଃଖ ଦାବାନଳ ହୃଦ କାନନ   ଦାରୁଣ ଘଣେ କଲେ ଦହନ
ଶମଇ ଛିଟିଲେ ଯୀଶୁ ନାମାମୃତ
ନିରମଳ ପ୍ରେମାବେଗେ ରେ ।୩।

ଯୀଶୁ ଅନନ୍ତ ପ୍ରେମର ସାଗର   କଳ ପାତକକ କେତେ ଗଭୀର
ମଳି ଧୁଇଯାଏ ଖୋଜିଲେ ନପାଏ
ହୃଦ ମୋର ଅନୁଭବେ ରେ ।୪।

Digitized by srujanika@gmail.com

(ସ୍ୱର— ଆସ ଆସ ମିତ)

ଆସ ଆତ୍ମବନ୍ଧୁ ଆସନ୍ତେ ଆନନ୍ଦେ
ଆସ ଆଜି ଏକ ହୋଇବା
ଜଗଦ୍ଗୁରୁଙ୍କ ପତି ମନ୍ଦିରପାବନ ଆସ ଆଜି ପୂଜା କରିବା ! ଧ୍ରୁ ।

ମାନ ଅଭିମାନ ଭୁଲି ବନ୍ଧନ ଆସନ୍ତେ ସରଳ ପ୍ରୀତିଭରେ
ପ୍ରେମ ଫୁଲ ତୋଳି ଭକ୍ତି ଅଞ୍ଜଳି ନିବେଦିବା
ପ୍ରେମମୟଙ୍କର ସୁନ୍ଦର ଶରୀର ପ୍ରେମ ଫୁଲହାରେ ଛନ୍ଦିବା । ୧ ।

ସୁଭକ୍ତି ପ୍ରେମ ଫୁଲ ଚନ୍ଦନ ଆଣି ପ୍ରତି ହୃଦ ଶୃଙ୍ଗାରେ
ମନର ଆନନ୍ଦେ ସେ ଯୁଗଳ ପଦେ ସଜାଇବା
ଶକ୍ତିମୟଙ୍କର ଶକ୍ତି କଣିକା ବର ଆଜି ଯାଚି ଘେନିବା । ୨ ।

ବାଦ ବିସମ୍ବାଦ ଛାଡ଼ି ସୁହୃଦେ ଆସନ୍ତେ ଆସନ୍ତେ ଏକତାରେ
ସାର ବରଷର ଅଭାବ ନିକର ଜଣାଇବା
ଦୟାମୟଙ୍କର ଦୟା ସିଂହାସନ ଆରତିରେ ଆଜି ଟଳାଇବା । ୩।

ଛାଡ଼ି ଏ ସଂସାର ସୁଖ ଅସାର ପାଦତଳେ ତାଙ୍କ ପଡ଼ିଥିବା
ହୃଦୟର କଥା ତାଙ୍କ ଆଗେ ସବୁ ଜଣାଇବା
ପୁଣି ଏ ଜନ୍ମରେ ଶ୍ରୀପାଦ ପଲ୍ଲବେ ରଖୁ ଏତେ ଆଗ ବଢ଼ିବା । ୪ ।

—*—

Digitized by srujanika@gmail.com

(ହେମନ୍ତ।) ୯

ଶୁଭ ସମ୍ମିଳନେ ଆସ ବନ୍ଧୁଗଣ ଗାଇବା ଯୀଶୁ ଜୟ
ଅନାଦି ଅନନ୍ତ ସ୍ୱୟମ୍ଭୁ ଶାଶ୍ୱତ କଲେଣି ଜଗତ ଜୟ । ୦ ।

ଗଗନେ ଦିବ୍ୟ ଦୁନ୍ଦୁଭି ବାଜିଲା କଳନାଦୀ ବୀଣା ମୃଦଙ୍ଗ ଘୋଷ
କଳକଣ୍ଠେ ବୀଣା ଶବଦ ଜିଣା ଗାଆନ୍ତି ସେ ଏକ ଜୟ । ୧ ।

ରଙ୍ଗେ ତରଙ୍ଗ ନାଚନ୍ତି ତାଳେ
ମନ୍ଦ ମୃଦୁଳ ପବନ ହିଲ୍ଲୋଳେ
ଗାଏ ବିହଙ୍ଗ ବିଟପୀ ଡାଳେ
ତାଳେ ତାଳେ ଯୀଶୁ ଜୟ । ୨ ।

ସାଙ୍ଗ ସୃଷ୍ଟି ପ୍ରେମ ମାତୟାଙ୍କ
ସଭକ ସଙ୍ଗୀତେ ଜଗତ ଭରି
ବହିଲାଣି ପ୍ରାଣେ ଅମିୟ ଧାର
ଦୂରେ ଗଲା ଭବ ଭୟ । ୩ ।

—.—

Digitized by srujanika@gmail.com

(ସଂକୀର୍ତ୍ତନ)

୧

ଅମାନିଶା ଭେଦ ସ୍ୱାଧୀନ ରବି ଭାରତ ଗଗନ ଉଦିଲ
ମଣ୍ଡି ସିନ୍ଧୁକେତ ବିଜୟ ତିଳକ ଆଲୋକ ମାଧୁରୀ ଢାଳି
ପକ୍ଷୀ କଳକଣ୍ଠେ ବିଜୟ ଗୀତ
ବିଶ୍ୱ ସଙ୍ଗୀତେ ଯାଉଛି ମିଶି ।୧।

ତୁଟିଛି ନିଦ୍ରା ଦାସତ୍ୱ ନିଗଡ଼ ଅବସାଦ ଅପସାରି
ଫୁଟିଉଠିଲାଣି ଜନନୀ ବଦନେ ସରଗ ସୁଷମା ସିରି
କଲ୍ୟାଣୀ ମୋର ଭାରତମାତା
ଏତେକାଳ ଥିଲା ପଦ ଦଳିତା ।୨।

ଆଜି ଦେଖ ଦିନେ ସ୍ନେହେ ବଦନେ ଜନନୀ ଭୁଜ ପ୍ରସାରି
ଡାକେ ଦୁଃଖୀଧନ ଦୁଃଖିନୀର କୋଳେ ଆସ ଭାଇ ଭାଇ ମିଳି
ହିଂସା ଦ୍ୱେଷ କ୍ଲେଷ ଦୂରରେ ଦଳି
ଚରଣେ ପଡ଼ିବା ଧାଇଁରେ ମିଳି ।୩।

ଭୁଲି ଭେଦା ଭେଦ ବାଦ ବିସମ୍ବାଦ ଅଶାନ୍ତ କଷଣ ଦେହ
ପ୍ରେମର ଜୁଆରେ ଭସାଇ ଦିଅରେ ସ୍ୱାର୍ଥ ଅହଂକାର ଗଞ୍ଜ
ପରସ୍ପରେ ଢାଳିଦିଅ ପରାଣ
ସରଜ ମୋକୋଳେ ସରଗ ଧାମ ।୪।

—✽—

Digitized by srujanika@gmail.com

(ସ୍ୱର – ଆସୁଛି ସେଦିନ ଆସୁଛି)

ନିଶି ପାହି ପାହି ଯାଉଛି
ଉତ୍କଳ ଆକାଶେ ଖ୍ରୀଷ୍ଟ ଦିନମଣି ତେଜରବେ ଉଇଁ ଆସୁଛି । ୦ ।
ଛୁଟି ଛୁଟି ଯାଏ ଅନ୍ଧାରର ମୋହ,
ହସି ହସି ଉଠେ ପ୍ରକୃତି ନବଢ଼
ନୂଆ ଜନମର ଜୀବନ ପ୍ରବାହ
ପ୍ରାଙ୍ଗଣେ ପ୍ରାଙ୍ଗଣେ ଖେଳୁଛି । ୧ ।
ସ୍ୱର୍ଗ କାଲଦେର ମୁକୁଟ ଝଙ୍କାର
ପକ୍ଷୀ କଳନାଦ ଭ୍ରମର ଝଂକାର
ପ୍ରେମମୟଙ୍କର ଅନନ୍ତ ପ୍ରେମର
ଭୈରବ ଗୀତ ଗାଉଛି । ୨ ।
କ୍ଷୁଦ୍ର ନାଗରର କଣ୍ଠା ମୁକୁଟିଆ,
ଈଶ୍ୱର ଦୁଆରେ ସ୍ୱର୍ଗ କାନ୍ଦେ ଟିଆ,
ପଣ୍ଡପୂର୍ଣ୍ଣ ପ୍ରେମ ମୁକତି ଚାହିଁଆ
ଦୁଆରେ ଦୁଆରେ ଯାଚୁଛି । ୩ ।
ପାପୀ ତାପୀ ଧନ ଅଭୂଷ ଅନାଥ,
ପୂର୍ଣ୍ଣମୟ କର ପରଶେ କୃତାର୍ଥ
ଆଜ ସର୍ବେ ଯେତେ ଅଟ୍ଟ ପରିଶ୍ରାନ୍ତ
ଅନନ୍ତ ବିଶ୍ରାମ ମିଳୁଛି । ୪ ।
ଆଲୋକ ଆଣିଛି ନୂଆ ଜାଗରଣ,
ଜାଗରେ ନିଦ୍ରିତ ଉତ୍କଳ ସନ୍ତାନ
ଥିବ କେତେଦିନ ମୋହ ନିମଗନ
ଶୁଭ ସମାଚାର ଶୁଭୁଛି । ୫ ।

*

Digitized by srujanika@gmail.com

୫ (ସ୍ୱର – ଆସ ଶୁଭଦିନେ)

ଆସ ସ୍ୱାମୀ ବନ୍ଧୁ ଧନ ଦୟାସିନ୍ଧୁ,
ଶୁଭ ସମ୍ମିଳନେ ଆସହେ ଆଜ
ତୁମ ଦରଶନ ଆଶେ ପ୍ରିୟତମ
ମିଳନ୍ତୁ ତୁମର ସନ୍ତାନ ସଙ୍ଗ । ଘୋ ।

ତୁମ ପ୍ରେମ କର କୋମଳ ପରଶ
ଜଗାଉ ଅନ୍ତରେ ତୁମ ଆଦରଶ
କଳହଦ୍ୱନ୍ଦ୍ୱ ଧ୍ୱଂସ ହିଂସା ବିଦ୍ୱେଷ ଶେଷ
ନିତ ପୁଣ୍ୟମୟ ନୂଆ ହେବେ ସାଜ । ୧ ।

ଜନମି ସବୁଏ ଅଧମ ସନ୍ତାନେ
ସହୁଛ ବହୁଛ ଅଙ୍କେ ନିଜ ଗୁଣେ
କରୁଣା ପଣତେ ଆବୋରି ଯତନେ
ଦୁଷ୍ଟ କଷ୍ଟ ଶିଷ୍ଟ ସବୁ ଦେଇ ଲାଜ । ୨ ।

ହଅ ହୃଦୟ ପ୍ରଭୁ, ଅନ୍ତରର ଗତି
ସତ୍ୟ ଶାନ୍ତି କ୍ଷମା ଅନନ୍ତ ମୁକତି
ଯୁଗେ ଯୁଗେ ଗାଉ ପୁଣ୍ୟ ସ୍ତୁତି କୀର୍ତ୍ତି
ମାନବ ମରମ ପ୍ରେମାମୃତେ ମାଜ । ୩ ।

—*—

Digitized by srujanika@gmail.com

(ସଂକୀର୍ତ୍ତନ)

ଜୟ ଯୀଶୁ ଯୁବ ମେଷ ସନ୍ତାପହାରୀ
ଭକ୍ତିଯୋଗ ମାଧ୍ୟ ଭୃଷ୍ଟ ବୃନ୍ଦାବାସୀ ନ ମିଳେ ଯାର ଦର୍ଶନ ହେ
ଅତି ଧନବାନ ଏଠୁ ଘାନ ତେବେଶ ମହାପ୍ରଭୁ ଆଗମନ ହେ । ୩ ।
ନାହିଁ ଯେ ଗାଏଣି ପୂଜା ଉପହାର ପୂଜକାକୁ ଶ୍ରୀଚରଣ
ଶ୍ରୀଧର ଜଳ ନେତ୍ର କୃଷ୍ଣ ସମ୍ପତ୍ତି ସେବାରଣ ଅତି କ୍ଷମହେ । ୪ ।
ନାହିଁ ଧର୍ମ କର୍ମ ନ ଜାଣୁ ଭଜନ ପୂଜନ ଅଧମ ଅତି
ଶ୍ରୀକୃଷ୍ଣଦାସ କହୁ ଘାନ ଦୟା ମାଗୁ ଦେଖନ୍ତ ପ୍ରଭୁ ପ୍ରଣାମ ହେ । ୫ ।

Digitized by srujanika@gmail.com

— ଗାର୍ହ ଖା ହ୍ଲାଦ —

(ପୟାର)

ଏଣ ହରକ ଶ୍ରେଟର ପରେ ଡାଡ଼ଣ ପଣ୍ଡିତେ
ଯୁଷଫ ଏଙ୍କର ସ୍ୱପ୍ନ ଦେବଦୂତ ଲଭିଲେ ! ୧ ।
ଅତ ରୋଧ ଚେମିବ ଚଯ୍ୟ ପ୍ରଭୁର ସୁନ୍ଦର
ସମ୍ବୋଧି ଯୁଷଫ ଏଠ ଧର୍ମ ପ୍ରବର । ୨ ।
କହିଲେ ସ୍ୱପ୍ନରେ ଶିଶୁସହ ମାତାଘେନ
ଅଜ୍ଞାତ ଦେଶକୁ ଏବେ ଯାଅ ଏହିକ୍ଷଣି । ୩ ।
ମିଶରେ ନିବାସ ଯାଇ ନ କରିଣ ହେଳା
ନଭୁବା ବୁଝିବ ଘଟ ... ... ହେଲା । ୪ ।
ଶିଶୁକୁ ବଧିବା ପାଇଁ କପଟି ହେରୋଦ
କରୁଛି କୌଶଳେ ... ଅନୁସନ୍ଧ ମନ୍ଦ । ୫ ।
ଏଣୁ ମୋ ଆଦେଶ ଯାଏ ମିଶର ଭୁବନେ
ରହିବ ଗ୍ରାମ ରାଜନେ ଅତ ସଂଗୋପନେ । ୬ ।
ଚନ୍ଦ୍ରାପୋରେ ଶୁଣି ଏହା ଯୁଷଫ ସୁମତି
ଦେବାଦେଶ ଧର କରା ବସିଲେ ସେ ଚେତ । ୭ ।
ଖ୍ରୀଷ୍ଟ ଜନମାତାଇ କହିଲେ ସଧୀରେ
ଶିଶୁର ଅଶୁଭ ଦେଜ ଏ ପୁରେ କହିଲେ । ।
ସ୍ୱପନ ବୃତାନ୍ତ ଚଳ୍ପ କହିଲେ ପ୍ରକାଶି
ଦେଖିଲେ କେମ୍ ଅ୍ଛ ଡାଡ଼ବକୁ ଜଣି । ୯ ।
ସୁପ୍ତଜନ ପ୍ରାଣୀ ଧର ନଗର ଗମ୍ଭୀର
ଗହ ଗହ ଗରଜୁଛି କଣା ମାଜେ ଭର । ୧୦ ।
ନ ଦ୍ୱଦର ଦ୍ୱାର ଦ୍ୱାର ନାଦର ଅଳାର
ତ ଅମା ଅନ୍ଧକାରେ ବାନ୍ଧୁଛି ବା ଭର । ୧୧ ।

Digitized by srujanika@gmail.com

ସୁଦୂରୁ ଆସଇ ଭାସି ଭେଟେକ ତା ସ୍ୱପନ
ଆଳସ୍ୟ ଜଡ଼ିତ ଜନ୍ତୁ ପକ୍ଷୀ କଳତାନ । ୧୨ ।
ବରଷିବା ମସ୍ତୀ ରଜନୀର ଜନ୍ମ ଶୋଭା
ରକ୍ଷ ରକ୍ଷ ରବ ଶୁଭେ ଝଣାତରଙ୍ଗର । ୧୩ ।
କେ ଜନ କେ ଜନପଦ ନଥୁଏ ଗୋଚର
ଘୁଟେ ହୁଏ ଧବ ଅନ୍ଧକାର ଧାରାଧାର । ୧୪ ।
ଦେଖି ମଣ୍ଡପୁମ ଖ୍ରୀମ ବେଶ ଝଣିଅତ
ଶିଶୁ ଅଶୁଭ ଆଶଙ୍କା ଆତଙ୍କେ ଆକୁଳ । ୧୫ ।
କାତର ନୟନେ ଯାବ ପାକଣ ଗୁଣ୍ଡି ନେଉଳ
ଶୋଇଛୁ ଅନନ୍ଦେ ଶିଶୁ ଉଖାଉ ଜଦଟେଇ । ୧୬ ।

ବାତ୍ସଲ୍ୟ ମମତା ଭେଲେ କୋଳେ ତୋଳି ନେଇ
ନିଦ୍ରିତ ଶିଶୁକୁ ସ୍ନେହ ଚୁମ୍ବନ ଦେଉଛି । ୧୭ ।
ପୁଣି ଭାବେ ହୃଦେ ଯାର ଅଭିପ୍ରାୟ ଅକାତର
କୋଟି ସୃଷ୍ଟି ସ୍ଥିତି ଲୟ କ୍ଷଣେ ହୋଇଯାଏ । ୧୮ ।
ଚଉଦ ଭୁବନ ଯାର ଚରଣ କମଳେ
ସେ ପ୍ରଭୁ ଅଛନ୍ତି ଶୁଣ କୁଟେ ମୋ କୋଳରେ । ୧୯ ।

କି ଭୟ କାହାକୁ ଭୟ ପ୍ରଚଣ୍ଡ ଧରଣୀ
ସାଧୁରେ ଦାରୁଣ ତଣ ନାହିଁ ଚହିଁ ଖ୍ରୀଷ୍ଟ । ୨୦ ।
ନିର୍ବୋଧ ହେରୋଦ କୋପ କବଳୁ କୁମର
ଯାଞ୍ଚ ପଛେ ମୋ ଜୀବନ ରଖିବ ସୁନ୍ଦର । ୨୧ ।
ଏତେ ଭାବ ଶିଶୁ ଯୀଶୁ ମମତାରେ କୋଳେ
ଧର ଅସୀମ ଅନ୍ଧାର ସାଗରେ ପଶିଲେ । ୨୨ ।
ମିଶିଗଲେ ଅନ୍ଧକାରେ ନ ଦିଶିଲା ଆଉ
ହିଂସକ ହେରୋଦ ସାଧ୍ୟ ନ ପାଇଲା ତାଙ୍କ । ୨୩ ।

Digitized by srujanika@gmail.com

ଗୋପନେ ମିଶରକୁ ଯାଇଁ ବଞ୍ଚିଲେ ପ୍ରବାସ
ହେରୋଦର ଆଶାନାଶ କରନ୍ତି ଖ୍ରୀଷ୍ଟଦାସ । ୨୨ ।

—:୦:—

—ଣାଧ୍ଶ ଛାନ୍ଦ—

(କଲ୍ୟାଣ ଆହାରୀ)

ଲଭି ଦେବାଦେଶ ବାମ୍ନଣ ଜ୍ୟୋତିଷ ଆନନ୍ଦରେ ଗଲେ ସ୍ୱଦେଶକୁ
ପଣ୍ଡିତଙ୍କ ପଥ ଲକ୍ଷ୍ୟ ନ କରି ଜାଣି ନୃପ କପଟ ଉଦ୍ଦେଶକୁ
ଏଣେ ହେରୋଦ, ପଣ୍ଡିତ ମଣ୍ଡଳୀ ନ ଗଲେ
ଜାଣି କ୍ରୋଧେ ହେରୋଦ ଦୁର୍ଗମ ସଂହାର ସୂଚନ୍ତି ଧରିଲେ । ୧ ।
ପଣ୍ଡିତ ଦେଖା ଦେଲେ ନାହିଁ ଭାରି ରୋଷ ମାନସେ ଚଢ଼ିଲା
ଖ୍ରୀଷ୍ଟ ଉଦ୍ଭବ ଜଣାଣ ସମ୍ବନ୍ଧ ଶାସ୍ତ୍ର ମନ୍ତ୍ରୀ ଭୂଷ ମେଲିଲା
ପୁଣି କହିଲା, ଖ୍ରୀଷ୍ଟ ଉଦ୍ଭବ ହୋଇଲା
ଜନ୍ମ ଅବଧିକୁ ମୋହର କେବଳୁ ଆଗତ ଉଦ୍ଦେଶ୍ୟ ଫଳିଲା । ୨ ।
ମୋର ଏ ବଇଶ୍ୟ ନାଶି ନପାରିଲେ ଛଳ ବଳ କଉଶଳରେ
ରାଜ୍ୟ ଗଲେ ମୋର ମୁକୁଟ ଶିରର ଲୋଟିବ ତା ପାଦ ତଳରେ
ସେତେବେଳେ ହୋଇବ, ଏଡାଇବାରେ ଦେହ ସନ୍ଦେହ
ମୋହର ବେଳକୁ ଅଦୃଷ୍ଟ ଶଙ୍କଣ ଜନ୍ମଣିତ ମନ ଦହିବ । ୩ ।
ଉଠରେ ଉଠରେ ରାଜଭକ୍ତ ସେନା ତାଳ ମୋ ଆଦେଶ ଭୁଞ୍ଜନ୍ତ
ଦୁଇ ବରଷର ଊଣା ଶିଶୁ ପୁତ୍ର ଏ ରାଜ୍ୟେ ଥିବେ ସମ୍ଭାବିତ
ମୋର ବଇଶ୍ୟ ବଧିବ କୂଟରେ ଏପରି
କେଣ୍ଟା ନ ରଖିବ, ସବୁଜ ଛଇବ ଭାଟେ ଭାଳେ ଶୁଭ ମୋହର । ୪ ।
ନୃପର ରାଜାଦେଶେ ଶିବିରେ ଶିବିରେ ଲୋଭ ଜ.ଦେ ଭୁଷ ବାଜିଲା
ନାଶିବାକୁ ଶିଶୁ ଇତର ପିତାଙ୍କୁ ପ୍ରବଳ ସୈନ୍ୟ ସାଜିଲା

Digitized by srujanika@gmail.com

ଯେହ୍ନା ସାଗର, ତରଙ୍ଗ ସମ ମାତୃ ଆସିଲେ
ମାରୁ ମାରୁ ଧରୁ ଧରୁ ଶବ୍ଦରେ ଯିହୁଦା ପ୍ରଦେଶ ଗର୍ଜିଲେ । ୫ ।
ଘରେ ଘରେ ପଶି ବଳେ ଆକର୍ଷି ମାତାଙ୍କୁ ଶିଶୁଙ୍କ ଘେନିଲେ
ଦେଖି ସେମାନ୍ଙ୍କ ଦୁଷ୍ଟ ବ୍ୟବହାର ଜନନୀ ଶିଶୁକୁ ବକ୍ଷେ ଧରିଣ
ଭୟେ କମ୍ପିଲେ, ପିଶାଚ ପରାଏ ଗର୍ଜିଲେ
ହେ ଜନନୀ ତୋର ପୁତ୍ରକୁ ଜାରଜ କୃପାଣେ ଖଣ୍ଡ ଖଣ୍ଡ କରିବୁ । ୬ ।
ଘାଣ୍ଟି ହେ ଜନନୀ ନନ୍ଦନ ବଦନ ଲୁ ମୋ ଭାଗ ତୁଳ ଧନରେ
ତୋର ଖ୍ରୀଷ୍ଟଙ୍କ ଶରଣ ପଶିଲା ରକ୍ଷ ମୋ ଶିଶୁର ପ୍ରାଣରେ
ମାଡି କହନ୍ତେ, ଶିଶୁ ତା ଚରଣେ ଲୋଟାଇଲେ
ସେହ୍ନା ଜନ୍ମମାତ୍ର ଶିଶୁକୁ ଦାରୁଣ ଖଣ୍ଡୋର ଛକରେ ଦଳିଲେ । ୭ ।
କେତେବେଳେ ଦେଖେ ଦୁର୍ଦ୍ଦଶା ଦୁଃଖ ନାହିଁକି ଅବଧ ବଧିଲେ
ଚୋଟିକ ବଢ଼ନ୍ତେ କୋଟିଏ ଶିଶୁଙ୍କ ରକ୍ତରେ ଧରଣୀ ଧୋଇଲେ
କ୍ରୋଧେ କହିଲେ, ଦାରୁଣ ବଧାତା ବଳିଲେ
ଶିଶୁ ମାନଙ୍କୁ ତା ଗଳ ଖଣ୍ଡକୁ ମୁଣ୍ଡ ତା ମୁକୁଟ ଥୋଇଲେ । ୮ ।
ହେ ଭଣ ଦର୍ଶିମା ଜଗ ତନ୍ତ୍ରାଧିନ ପୁରୁଷ ବଚନ କହିଲେ
ଶିଶୁ ବଧିବାକୁ ବରଷ ଦେଖାଇ ନିଲଜ ମରଣ ଦେଖିଲେ
ଚୋଟେ ଗୃହିଲେ; ଜଗତ ଅନନ୍ତ ଜଳିଲେ
ଏତ କେଉଁଦାସ ପ୍ରଭୁଙ୍କ ଦେଖାଏ ଅଞ୍ଚଳ କମର ବନ୍ଧିଲେ । ୯ ।
ଦେଖିଲେଟି ତଥେ ଶିଶୁ ଶବ କେ.ତେ ଶିରଭାଙ୍ଗ କାଦେ ଅଠାଇଲେ
ତାନା ସୁନାମାନ ଜୀବନ ସଙ୍ଗ.ନ ଅହା ମୋ ବନ୍ଧୁ ମଧ୍ୟରେ
ଦୁଃଖି ଧନରେ, ବାଦ ସାଧିଲନ୍ତି ବଳେ
ଭଏ ଆଉ ମାଆ ମାଆ ଅନନ୍ତ ତୋଷର କୋଟି ପଡ଼ବ । ୧୦ ।
ହେତୁ ହେଳ ନାଶ କରୁଣ ବନ୍ଦନେ ଦୁହିଲା ଯିହୁଦା ପ୍ରଦେଶ
ଭଳ ଶିଶୁ ମେଳେ ଯୀଶୁ ହତ ହେଲେ ହରଷ ଦଶଟି ନରେଶ

Digitized by srujanika@gmail.com

ଏତେଡ଼ ଅଜ୍ଞାନ, ଭଜଇ ଅମର ନନ୍ଦନ
ବାଉଳା ନିର୍ବାଣ ଲଭେକ ପ୍ରେକ୍ଷଣ ଜନନୀମନ୍ତ୍ରୀ ଶୀତ ଜୀବନ ।୧୧।
କହେ ଖ୍ରୀଷ୍ଟଦାସ ଟେ। ଜନମ ଦଣ ନ ଦନା ଝଗା ଜ୍ୱାଧ ସମ୍ଭବ
ଏ ଶିଶୁ ସମାଜ ଲକ୍ଷଣଲେ ଆଜ ସମୀଧକୁ ଦ୍ଵ ନ ହୃଷ୍ଟର
ଭବ ତାରଣ ମାରଣ ବାରଣ ନିବାରିଲା
ଯିଏ ପୁର କରତା ଗୃହସ୍ତେ ଜଳ୍କଲେ ବେଦେହନ୍ତ ଆଶା ନ ପୁରିଲା ।୧୨

—୪୯ତମ ଛାନ୍ଦ—

(ରାଗ— ଦୁଃଖିଅଛ ମାନମଣି)

ଓ

(ନାଚ) ନାଚ ଦୁଃଖିଧନ ମୋର
ତେବ କରତାଳ ଆରେ ନାଚମ ଳ (ଶ୍ରେ ଦୁଃଖି ସଙ୍ଗାଳ
ଶୁଣିବ ବାଜବ ପାଦରେ ନୂପୁର । ଧ୍ରୁ ।
ବାପା ଯାଇଛନ୍ତି ଛଡ଼ିବାକୁ କଣ,
ତୋ ଲାଗି ଆଣିବେ ଜହ୍ନମାମୁଁ ତୋଳ
ଲଭିବୁ ଆନନ୍ଦ ଅରେ ସୁନାଧନ,
ଖେଳିବୁ ତା ସଙ୍ଗେ ଅନ୍ତରର ଖେଳ । ୧ ।
ତାଇ ତାଇ ତାଇ ତାଥେଇ ତାଥେଇ;
ତା ତା ଧିଆ ଧିଆ ନାଚେ ମୋ ବାଇଆ
ଏ ନାଚେ ଅଖିଳ ବ୍ରହ୍ମାଣ୍ଡରେ ଖେଳ,
ସବୁରୁ ଦେଖନ୍ତି ଆନନ୍ଦେ ଅମର । ୨ ।
ଝଳଝ ଲଳଝ ଛନ୍ଦେ ନାଚ ବାପ,
ଧୁଞ୍ଜିପିନ୍ଧି ଦେଖି ଜନମ ସନ୍ତାପ

ବସ୍ତ୍ର, ଶୋକ ତାପ ଦ୍ୱୋଇବରେ ସକଳ,
ମଜ୍ଜିଲେ ଆନନ୍ଦେ ଜଙ୍ଗମ ସ୍ଥାବର । ୩ ।
ଅପରୂପ ରୂପ ଧୂଳି ଧୂସରିତ,
ସକଳ ଶିଶୁ ମୋର ଛଳର ଲେପିତ
ନାଚ ଶିଶୁକୁଳ ହୋଇ କରମ୍ବିତ,
ମଟିରେ ନାଚନ୍ତି ଜନମଣି ମୋର । ୪ ।
ନାଚ ନାଚ ଯେତେ ବାଳକ ମଣ୍ଡଳୀ,
ବଜାଇ ଆନନ୍ଦେ ବଇଁଶୀ କାହାଳୀ
ଖ୍ରୀଷ୍ଟଦାସ ଆଶ ନେଇ ନିଜ ଧୂଳି,
ପୂରିବ ଶାବକେ ପୂଜି ଶ୍ରୀଯୀଶୁ । ୫ ।

—✱—

—୪୧ଶ ଛାନ୍ଦ—

ବାଲ୍ୟର ବୟସେ ଖେଳନ୍ତ ଧୂଳିରେ
ଏ ସୃଷ୍ଟି ଭିଆଣ ଯାର ଏଇ ମାଟି ଧୂଳିରେ
ଧୂଳି ଖେଳରେ ମାତି, ଧୂଳି ଘର ଧୂଳି ଘୋଡ଼ା ହାତୀ । ୧ ।

ବାଳକ ବାଳକ ମିଳି ରାନ୍ଧି ଧୂଳି ଅନ୍ନ
ଧୂଳିରେ ବାଢ଼ନ୍ତି ପୁଣି ଧୂଳିର ବ୍ୟଞ୍ଜନ
ଦେଖି ଜନନୀ ଭୋଳ ସରଗ ଶିଶୁର ଧୂଳିଖେଳ । ୨ ।

ପୁଣି ଧୂଳିଘର ଭାଙ୍ଗି ମନେ ନ ବଳିବ
ଜନନୀର ପାଶେ ଧାଇଁ ଅଞ୍ଚଳ ଓଟାର
ନାଚି ମାଗନ୍ତି କୋଳ ଭୁଲଇ ଜନନୀ ଘଣ୍ଟେଶୀର । ୩ ।

Digitized by srujanika@gmail.com

ରକ୍ଷଣୀ ରତନ କାଷ୍ଠ ନପୁଂଷ ପିନ୍ଧୁଳରେ
ନାଚ ନାଚ ଦୁଃଖିଜନ ଆକାଶ ସଙ୍ଗୀତରେ
ନାଚନ୍ତେ ନାଚନ୍ତେ ଧନ କୋଳ ଲଭିବେକ କ୍ଷୀରପାନ । ୪ ।

ରତ୍ନ ଚ ନୂପୁର ଝାଡ଼ଇ ମୋହେ ତନପୁର
ଭ୍ରମଇ ଗୃହାନ୍ତ ନାଦେ ସନ୍ତୁଷ୍ଟ ଅମର
ନାଚ ନାଚରେ ରଙ୍କ ଅନୁଗ୍ରହ ମୋର ଜଗତ୍ପାଳ । ୫ ।

ଧୂଳିରେ ଧୂସର ଅଙ୍ଗ ତବ ସ୍ୱର୍ଣ୍ଣ ଠାଣିରେ
ଝଲମଲ ମନୋହର ରୂପ ଦେଖ ଖଣିରେ
ତାହ ହେଉ ସିଦ୍ଧି ଆମେ କୋଳକୁ ଧନମଣି । ୬ ।

—*—

—୪୨ଶ ଗୀତ—

(ମୋର) ହୃଦମାଳରେ, ତୁ ଆହୁଁ ରହିଲୁ ଭୂଲି
ଯେତେବେଳେ ଧନ ଅଗ୍ରଜପୁତ୍ର କଏଁବଗଲ ମୋ ନେତ୍ର ପିତୁଳି । ଘୋ ।
ଜାଣକାନ୍ତୁ ଚୋର ଦୁରନ୍ତ ପଣ, ଜାଣିନାହୁଁ ଅଛେ ଦୁଃଖିର ଧନ
ତାହାଖଙ୍କ ଭୂଲିଚଲୁ କରେ ଗୁଳି,
କଏଁ ବଶକଲ ମୋ ଦୁଃଖ ସଙ୍ଗୀତ । ୧ ।
ମା ମା ବୋଲି କଏଁ ଡାକବ; ଜଳେ ଖୀର ପାଇଁ ରଳେ ଲୋଟିବ
ସ୍ନେହପୂର୍ବକ କ୍ଷୀର ସ୍ତ୍ରବ ପଡ଼ୁଅଛୁ,
ଭୂଆଇବ କୋଳେ କାହାକୁ ଧରି । ୨ ।
ଜାଣୁଥିଲି ଯେବେ ମୁଁ ଶୁଣିଗଲା, କୋଳ ଧନ ତୋତେ କୁମର ମଣି
ଭାଙ୍ଗିଦେଲୁ ମୋର ଗରବ ବରବ,
ତୋ ଆହୁରେ ମୁଁ ଯେ କାଙ୍କ୍ଷ କଙ୍ଗାଳ । ୩ ।

Digitized by srujanika@gmail.com

— ୪୩ଶ ଛାନ୍ଦ —

ରଙ୍କୁଣି ରଞ୍ଜନ ଆକରେ, ବାସ ଯୋଗି ଭବ ଜପାମାଳ
ଆଜ ନନ୍ଦନ ନ ଛୁଟଇ ଅନ୍ଧ ମନ୍ତ୍ରୁ ତୋତେ ଅଣ୍ଡାଳ । ଧ୍ରୁ ।
ଜାହାସଙ୍ଗେ ଭୂଲ ରହିଲୁରେ ଛୁଦି, ଜନମ ବେଦନା ମନେ ନ ଉଠୁନାହିଁ
ପିଣ୍ଡରେ ପରଶ ପଶିଲା ରେ ଧନ ଅନ୍ତର୍ଣ୍ଣିକ୍ଷନ ଆଜ ନ ହୁଗ୍ଲା ।୧
ଜଗତ ଦାରିଦ୍ର୍ୟ କଷଣ ଦୂଷଣ, ସହିଲୁରେ ଗ୍ଲାନି ତୋ ସୁନ୍ଦର ବଦନ
ତୋ ବନା ସହଜ ହେଲଣି,
ଗହନ ଜନମ ବେଦନା ସତେ ଗଲୁ ଭୁଲି । ୨ ।
ଦୁଃଖିଧନ ଅଟେ ଦେହ କୋଳକଣ୍ଠ, ଲୁଚିଛ ଗୋପନେ ସନ୍ତତ
ଆହେବାର
ମୁଁ ଭିକୁଣୀ କାହିଁ ଘୁଣ୍ଡ ବୁଲିଗଲି, ମନ୍ଦଦୃଷ୍ଟି ପଡୁନ୍ତୁ ଖୋଜିଲା । ୩ ।
କଳଙ୍କ ତୋ ଲାଗି ନଷ୍ଟାଚାର ବ୍ରତ,
ନ ଛୁଇବ ବୋଲି ଆଜନମ ଶପଥ
ତୋ ବନରେ ବାସ ଅଭୟ ସନ୍ତାପ;
କାହିଁ ଦୂତ ବନ ଦେଲାଣିରେ ଜାଳ । ୪ ।
ମୋ ହୃଦୟେ ଶୂଳ ବଧିବା ପାଇଁକି,
କଏ ଦେଲା ତୋତେ ଏ ବାଳ ବୁଦ୍ଧି କି
ଢେକିଲୁକି ଛୁପି ମୋର ସନ୍ନିଧିକି
ଅକୁଳ ପରଶରେ ମୋହନ ମାଳ । ୫ ।
ଜନମ ଟେଗା ପୁଣ ଖ୍ରୀଷ୍ଟଦାସ ଗୀର,
ସୃଷ୍ଟି, ସ୍ଥିତି, ଲୟ ଲଗ୍ନରେ ଯାହାର
ଶ୍ୱଶ୍ୱ ଚାରଣକୁ ତୋ ସୃତ ଜଣକୁ,
ଆଦରିଛୁ ବୋଲି ପାଳୁଛ ଉଗାଳ । ୬ ।

—:0:—

Digitized by srujanika@gmail.com

—୪୪ଶ ଛାନ୍ଦ—

ଚାହଁରେ ମିତ୍ର ଦାରୁଣ କ୍ରୁଶ କଷ୍ଟକୁ । ଧ୍ରୁ ।
ଆତ୍ମର ବେଦନା ଦେଖ ଯୀଶୁ ମସୀହ କାନ୍ଦନ୍ତି
ପିଠିରେ କୋରଡ଼ାଘାତ ମୁଣ୍ଡରେ କଣ୍ଟା ମୁକୁଟ
ଚାହଁରେ ଏ ଅକଳଙ୍କ ମିତ୍ରତା ଭାଗ ସ୍କନ୍ଧକୁ । ୧ ।
ସରଗ ସମ୍ପଦ ତେଜିଲେ ଲୁଟେ ଯାର ପାଦମୂଳେ
ଚାହଁରେ ସେହି ଶରୀରେ ଚାହିଁଛି ମୁଣ୍ଡ ଅଧକୁ । ୨ ।
ହେଉଛ ପାବନ ରକ୍ତ ଗାଲୁଲେ ପିଉନ୍ତୁ ସବୁ
ଦିନାରେ ଏ ଅଭାଗୀ ମାନବ ସ୍ୱାର୍ଥ ଅନ୍ଧକୁ । ୩ ।
କଣ୍ଡ ଦରୁଣ ଦହନ ଏହୁ ତୋ ପାଇଁ ବାଉର
କମା ଏତେ ପରମ୍ଭବ ଶୁଦ୍ଧ ଅଗାଧ ବଧୂକୁ । ୪ ।
ସତରେ ସଗୁଣ ସମ୍ମି ଜଗତ ଜୀବନ ଏହୁ
କହେ ଖ୍ରୀଷ୍ଟଦାସ ଧାର୍ମୀ ଶ୍ରୀପଦ ଅଭ ନଦକୁ । ୫ ।

—*—

— ୪୫ଶ ଛାନ୍ଦ —

(ସୁର— ପୂରବୀ)

ଯୀଶୁ କ୍ରୁଶଧନ ଯାଉଁ କାଲଭେରୀ ଜନମା ନେଇ ଚଢ଼ିଲ
ବକ୍ଷେ କରଚାଣ୍ଡ ଭୂମିରେ ରକ୍ତ ଆକୁଳେ ବେଦନ ଭଲରେ ଦଳିବ
ଏହା ଦେଖିବାର ଥିଲା;
  କରୁଣା ସିନ୍ଧୁଙ୍କୁ ଏ ଦାରୁଣ ଦଣ୍ଡ କାହାର କି ଦୋଷ ଭଲ । ୧ ।
କାନ୍ତିଭ କୁମର ନସହୁ ଫୁଲ ଭାର କି କଷ୍ଟ ହେଲା
ଏକଲ ମୋ ବଳା, ରଳା ରକ୍ତମାଳା ଦାରୁଣ କ୍ରୁଶେ ଦେଖିଲେ ଭଲ

Digitized by srujanika@gmail.com

ଏହା କି ଚିନ୍ତା ମନେଥିଲା,
ଦୟାହିନ୍ ହୋଇ ତୁ ଜଗତେ ହୋଇଲୁ ଦାସୀରେ କୃପା ନୋହିଲ
ମୋ ହୃଦୟୁ ମାଂସ ନୁହେ ବଜ୍ରଖଣ୍ଡ ହେଉଛି ବୁଝିଲୁ ନ ଛିଣ୍ଡି
ସୁନାରୁ ଠାବ ପୁଅକୁ ଝଙ୍କେ ଟେ କପଟେ ନେଲ ଧରାଇ
ଏ ନୃଶଂସ, ହୋଲାନ୍ତି ସାଜ ପୁ ତୁଷ
ସଜମାତ ନାମେ ଅମାନ୍ତ ଅଟଇ ଅଭଜନ୍ତ ଅଟଯଣ । ୩ ।
ସଂସାରେ ମୁଁ ଫଟା କପାଳରେ ଦାତ ଦୁଃଖ ହନ ନ ସରଇ
ଜଳଠି ଜୀବନ ଅଛୁ ଲେରେ ଯାଏ ତୋ ପର ପୁଅ ହରାଇ
କେ କୁମରି; ଜନମି କି ଚଲୁ ଭୂଲି
ଦନ୍ତେ ନ ଦେଖିଲେ ମୃତ୍ୟୁ ମାଂ ବେଲ ପଡ଼ଇ ଦାଣ୍ଡ ଉଜୁଡ଼ି । ୪ ।
ଶଳଲେ ବାହୁନି ବାହୁନି ଜନନୀ ଫ ଟଳନା ଫଣଧାଏଁ
କି ମହତ ଅଂଶେ ଆଂଷ୍ଟେ ଭଡ଼ି, କୁଂଶ ନେତ ଭଧାଇ ହଏ
କେ ସଇନ, ଦୁଷ୍ଟ ତ ହଏ କରୁଡ଼
ଦେଖ ବାପ ଅସମ୍ଭ ଲେ କି ଅଂକୁଲେ ଧାଏଁ ପୃଷ୍ଠି ଉଠେ ଫଡ଼ । ୫ ।
ସିନ୍ଧ୍ ଧରାଧର ଦେବ ପରମ୍ପର ଅଛ ଏଥେ ସାକ୍ଷୀ ହୋଇ
ଶୁଣ ସଭ ଖ୍ରୀଷ୍ଟ ଏ ଅନ୍ଧ ଜଗତ ଠକେ ତ ଶଦ୍ଧ ଲ ଧାଇଁ
ଗୋ ଜନନୀ, ବେଦ ଖ୍ରୀଷ୍ଟଦାସ ବାଣୀ
ଛଟିକ ମରଣ ଏ ତୋର ନନ୍ଦନ କାନ୍ଦ୍ ଜନ୍ମା ଜାଣି ଜାଣି । ୬ ।

—*—

—୪୭ଶ ଛାନ୍ଦ—

ଶାଲମ କୁମାରୀଙ୍କର ବିଳାପ

(କଳହଂସ କେଦାର)

ପିବୁ ଶାଲମ ଦାଣ୍ଡେ ଜଗତ ସାର, ବନ୍ଧୁ ହୃଦଇ କୃଷ ଯନ୍ତ୍ରର ଘରଯେ
ତାରୁଣ ହେବେ ଥଳ ନପାରେ ବୁଲି
ଚକ୍ଷୁ ଅବଶ ପଡେ ପଡଇ ଢ଼ଳ ଯେ । ୧ ।

Digitized by srujanika@gmail.com

ଯେମା କର କୋଉଣ୍ଡା ପଡ଼ ତରମେ
ଘିଷିତ ଝଡାରେ ତା ପିଣ୍ଡ ମରମେ-ଯେ
ଊର୍ଦ୍ଧ୍ୱ ନୟନେ ଷ୍ଟେଙ୍କ ଧଇର୍ଯ୍ୟ ଧର
ଦେଖି କ ଅନନ୍ତ ଦୁଃଖେ ଶାନ୍ତିମ ନାସ୍ତି-ଯେ । ୨ ।

ଶୋକାବେଗ ହୃଦରେ କର ଜମୁଡ଼ି
ଝଡଲେ ବ ହୃଦକ୍ଷ୍ଣ ଗୁଣ ସୁମନ୍ତ-ଯେ
କଉର ନାହିଁଥରେ କାହାର ମନ
ହୃତ ଭଳିଛୁ ଯେତୁ ପାଞ୍ଚେ ତା ମନ-ଯେ । ୩ ।

ବଡ ହୃଦୟ ସ୍ଥାନ ସଜ ପୁ ଛୁଟେ
ସ୍ଥିତ ତଃସ୍ୱବ ପିଣ୍ଡହନ୍ତି ନୃଶଂସେ-ଯେ
ଏ ଭଳି କ୍ଷତକାଂକ୍ଷ ସଂସାରେ କେହି
ନାହିଁ ନଥିବେ ଆଉ ଶସ୍ତ୍ରର କନ୍ତ ଯେ । ୪ ।

ଏତେ ଦାରୁଣ ପୁଣି ମନ ଦଇବ
କାହାକୁ ଦେଲୁ ଆଣି କ ପରଭବ-ଯେ
ଯାହା କୃପାରେ ଗଙ୍ଗ ଲଙ୍ଘଇ ଗିରି
ଦାରୁଣ ଦୁଃଖେ ଝରି କଲୁ କ ଜଳ-ଯେ । ୫ ।

ଜନମ ଅନ୍ଧେ ଦେଲ ଦିବ୍ୟ ଲୋଚନ
ମୃତ ଶରୀରେ ସଞ୍ଚାରିଲ ଜୀବନ-ହେ
ଏତ ଚିହ୍ନଦାକାଶ ପୂର୍ଣ୍ଣିମା ଚନ୍ଦ
ଜାତରି ଜନ ହୃଦ କୁମୁଦ ମୂଢ-ହେ । ୬ ।

ଭବାବ୍ଧି କୁଳ-ବନ୍ଧ-ମୁକ୍ତି-ମନ୍ଦର
ଦାରିଦ୍ର୍ୟ-ନଳବନ ଦଳା କୁଞ୍ଜର-ହେ
ଜବଣା ନଷି ପୂଦା ଆଶା ମିହର
କ୍ଷେମ ନଦର ଗୁଣ୍ଡା ଚୋଣ ଉଠର-ହେ । ୭ ।

Digitized by srujanika@gmail.com

ପାପ ସନ୍ତାପ ମହା ଦାନବ ଦଳା
ଭବ ସିନ୍ଧୁ ତରଣେ ଅଭୟ ଭେଳା-ହେ
ଜଗତ ପାପ ବୁହା
ପ୍ରେମ ସମ୍ପଦ ଶିଖି ସୁଖ ମଙ୍ଗଳ ହେ । ୮ ।

ପ୍ରେମ ଝରଇ ନବ ଜୀବନ ଝର
ନିର୍ମଳ ପ୍ରେମ ଧନ ଥୁଆ ଭଣ୍ଡାର ହେ
ମହା ଯୋଗିଙ୍କ ଅଷ୍ଟଯୋଗ ବିଭୂତି
ମାନବ ହୃଦ-ସ୍ୱର୍ଗ ଶୋଭା ସମ୍ପତ୍ତି ହେ । ୯ ।

ହିଂସା ଭୁଜଙ୍ଗ ବିଷ ହରଣାମୃତ
ବିଶ୍ୱ ବିଜୟୀ ଶାନ୍ତି ସେନା ସାମନ୍ତ ହେ
ହା ହା ପରମାନନ୍ଦମୟ ମସୀହ
ପାପ ପ୍ର ବୃଷ ହନ୍ତା ସିୟୋନ ସିଂହ ହେ । ୧୦ ।

ମାନବ ଅଘ ବେଗ ବାଧ ବାରେଣୀ
ପରମ ପୁର ପାନ୍ଥ ସୁଖ ନିଃଶ୍ରେଣୀ ହେ
ପତିତ ତ୍ରାଣ ଦାନା ଦଣ୍ଡା ମୂର୍ତ୍ତି
ନିଭୂଷଣ ଅନୁପ ରୂପ ପ୍ରକଟ ହେ । ୧୧ ।

ଶୁଭ ସମ୍ବାଦ ଦିଆ ନୂଆ ଟମକ
ଧର୍ମ ଧ୍ୱଜଙ୍କ ମନଭେଦ ଶାୟକ ହେ
ବ୍ୟବସ୍ଥା ବିଶାରଦ ମହା ଯାଜକ
ମହା ମହିମାର୍ଣ୍ଣବ ବିଶ୍ୱ ବ୍ୟାପକ ହେ । ୧୨ ।

ପାତକ ମହାବନ ପୋଡ଼ା ଅନଳ
ହୃଦ କାଳିମା ଧୂଆ ନିର୍ମଳ ଜଳ ହେ
ମାନବ କେଳ ପ୍ରିୟ ପରମ ହଂସ
ସନ୍ତ ଝଙ୍କ ପ୍ରେମ ପୀୟୂଷ ରସ ହେ । ୧୩ ।

Digitized by srujanika@gmail.com

ଜନ୍ମ ସତ୍ୟ ସୁନ୍ଦର ମଙ୍ଗଳ ମୟ
ଆଶ୍ରିତ ଜନେ ଦିଅ ଚରଣାଶ୍ରୟ ହେ
ଦୂତ ପ୍ରଣୟ ଶିକ୍ଷା ଦୀକ୍ଷା ଆଚାର୍ଯ୍ୟ
ମୁକ୍ତି ମନ୍ତ୍ରର ଦାତା ମନ୍ତ୍ରୀ ଆଶ୍ଚର୍ଯ୍ୟ ହେ । ୧୪ ।

ସାର ସଂସାର ସେବା ଧର୍ମ କହୁଛ
ସେବା ପଦବୀ ନେଇ କଣ୍ଠ ବଧାଛ ହେ
ସେବକ ପାଦ ଧୁଆ ଶୀଘ୍ର ସେବ୍ୟ
ପ୍ରବଳ ଦୁଷ୍ଟ ହିଂସା ଶର ଶରବ୍ୟ ହେ । ୧୫ ।

ଦୀନ ଦରିଦ୍ର ବେଶୀ ଦାତା ପରମ
ଜୀବନ ଗୋଟି କୋଟି କୁବେର ଧନ ହେ
ଦ୍ରୋହ ଦରଦ ଅପହାରକ ହର
ମହଃଦ୍ରୋହ ନାଶନ ଶ୍ରୀ ଧନ୍ୱନ୍ତରୀ ହେ । ୧୬ ।

ପତିତ ବନ୍ଧୁ ନାମ ପଦବୀ ନେଇ
ପାତକୀ ଅଭିଶାପ ଶିରେ ବୁହା ହେ
ତେଜମନରେ ଦୁଃଖ ପିଅନ୍ତି ପିଆ
ଉଦାର ହୃଦେ ପ୍ରେମ ପରଶ ଦିଆ

ଗୁରୁ ତୁଳାର ଯେତ କେ ନାହିଁ
ଛଳ କରୁଣା ସ୍ୱାଦ ଅପାର ସୁଧା ହେ
ଅନନ୍ତ ଜୀବନର ଅପୂର୍ବ ଜ୍ୟୋତି
ଶାନ୍ତ ସାମ୍ରାଜ୍ୟ ସର୍ଜନା କରିଛ ହେ
ସାଧୁ ସନ୍ନ୍ୟାସୀ ହିଁ ଦାତା ହୃଦୟ
ମାଣିଆ ଚଉଁକାଠ ଈଶ୍ୱର ହେ
ତଦେବ ବନ୍ଧୁ କଷ୍ଟ ନେଇ ଖ୍ରୀଷ୍ଟ
ପାତକୀ ତାରଣ ପୂର୍ଣ୍ଣ ମନ୍ତ୍ର ହେ । ୧୯ ।

Digitized by srujanika@gmail.com

ଯାଚନା କଳ୍ପତରୁ ବର ସୁଫଳ
ତୃଷିତ ଚିର ତୃପ୍ତି ଅମିୟ ଜଳ ହେ
କାତର ଗୃହକର ନବ ମାରତ
ଆଶାସ୍ତି ଆଶାଲତା ଫୁଲ ମରନ୍ଦ ହେ । ୨୦ ।
କ୍ଷୁଧାତୁରକୁ ସୁଧା ଗୃହତ ମାନ୍ନା
ଚିର ଉଲଙ୍ଗ ଲଜ୍ଜା ବାରଣ ବାନା ହେ
ଅଶେଷ ଦୁଃଖରୁପି ଅନୁପାନନ୍ଦ
ଅନାଦି ଆଦିକନ୍ଦ ପରମାନନ୍ଦ ହେ । ୨୧ ।

ସୌନ୍ଦର୍ଯ୍ୟ ଆଦମୂଳ ଅଶୋଭଙ୍କର
ଶୃଙ୍ଖଳ ଭୁଇଁ ଚେର ଚିର ସୁନ୍ଦର ହେ
ଉତ୍ତମ ମେଷପାଳ ଇମ୍ମାନୁଏଲ
ଅଶେଷ ଶାନ୍ତି ଦାତା ବନ୍ଧୁ ମଙ୍ଗଳ ହେ । ୨୨ ।

ଅଜ୍ଞାନ ଅନ୍ଧକାର ଛେଦନ ରବି
ଗର୍ବ ପର୍ବତ ଦମ୍ଭ ତାରଣ ପବି ହେ
ଜନମ ଯମ ଭୟ ବାରଣା ଦୂତ
ପ୍ରଳୟ ପୟୋଧିରେ ନୌକା ବୋହିତ ହେ । ୨୩ ।

ଖଳଦ ରୂପୀ ବାଞ୍ଛା ବୀଜ ବୁଣାଳି
ନିର୍ମଳ ପ୍ରେମ ଫନ୍ଦା କୃଷି କଆଁଖ ହେ
ଶସ୍ୟ ମାନବ ଚାଷ ଶୁଦ୍ଧି ମନ୍ତର
ମାନବ ମନ ମୀନ ଧର ଧୀବର ହେ । ୨୪ ।

ଅବ୍ୟକ୍ତ ବ୍ୟକ୍ତ ଈଶ ନିଗୂଢ଼ ତତ୍ତ୍ୱ
ସତତ ଶାନ୍ତ ସୂକ୍ଷ୍ମ ମାନ ମହତ୍ତ୍ୱ ହେ
ଧୈର୍ଯ୍ୟ ପଣେ ଯୋଦ୍ଧା ଭୂତ ଈଶ୍ୱର
ସମ ଦରଶି ଜାଣ୍ଡ ଅପଣା ପର ହେ । ୨୫ ।

Digitized by srujanika@gmail.com

ସତେକି ଧୂପ ପ୍ରଜ୍ୱଳନ ଲଭିଲ
ନସ୍ତ୍ରା ଆଶା ଭୂମି ଯାଣ ଶଇଳ ହେ
ଆଶ୍ରିତ ଜନ ପ୍ରାଣ ପୂତ ପ୍ରଦସ୍ତ
ନନ୍ଦନ ମେଷ ଶିଶୁ ଦ୍ୟାବଳ ଅଙ୍କ ହେ । ୬ ।

ପ୍ରେମ ସରିତ ସ୍ନାନ ଶୁଚି ଗାମୃତ୍ର
ଚିର ଶୋକାର୍ତ୍ତ ନେତ୍ର ଲୋତକ ପୋଛୁ ହେ
ଶରୀର ହୃତ ପିଣ୍ଡ ପ୍ରାଣ ସ୍ପନ୍ଦନ
ସଲିଳେ ଗତିବନ୍ତ ସ୍ମାନାସ୍ପୃଷ୍ଟ ହେ । ୨୭ ।
ସ୍ୱର୍ଣ୍ଣିମ ସାଜ ଶୋ'ଭା ଶ୍ୱେତ କମଳ
ଯାଉଁଶର ଯାଉଜାତ ଧବଳ ହେ
ନାଜରିତର ସୂତ୍ରଧର କୁମର
ତାର୍କିକ ବୀର ଧୀର ନବ କିଶୋର ହେ । ୧ ।

ଅନୁତପ୍ତ ପ୍ରାଣ ଶାନ୍ତ ଚନ୍ଦନ
କରମ କ୍ଳାନ୍ତ ଦଗ୍ଧ ଚିର ବିଶ୍ରାମ ହେ
ସଂସାର ମାୟା ପାଶ ଛେଦନ ଛୁରି
କଙ୍କାଳ ଜାଲକଣ୍ଟା ଖଣ୍ଡଣ କଲୁଷ ହେ । ୨୯ ।

ଦୁଃଖ ସନ୍ଧ୍ୟା ଶେଷ ପ୍ରଭାତ ତାରା
ଆତ୍ମ ସ୍ୱନ ଅରୁଣ କିରଣ ଧାରା ହେ
ଦୃପ୍ତ ଜ୍ୟୋତିଷ୍ମ ତମାକୁଳ ଭୁବନେ
ଚରମ ଔଷଧି ମୋହ ନାଶନେ-ହେ । ୩୦ ।
ମାଉଆ ଜନମର ନେତ୍ର ସମ୍ପତ୍ତି
ଅନଥିମା ଅବଳା ଯତ୍ନ ଘଟ-ହେ
ଭାମାନ୍ତ ଜନ ମୋହ ଲାଳସା ଧୂଆ
କଳଙ୍କିମ କଳଙ୍କ ଯସବ ଭୁଦା-ହେ । ୩୧ ।

Digitized by srujanika@gmail.com

ଅତ ଭାତରେ ସବ୍ୱ ଶାଲମ ନାଗ
ବଜଲେ ବଳପନ୍ତ କୂରଷ୍ଟ ପର-ହେ
ନାଗ କାରୁଣ୍ୟ ଶୁଣି କୃପା ସାଗର
ଏସନ୍ ପ୍ରବୋଧିଲେ ଗଣି ମଧୁର ହେ । ୩୨

ଭାଦନା ସଙ୍ଗ ଏ ଗୋ ମୋ ଦୁଃଖ ଗୁଣ୍ଡି
ଭାଦ ଆପଣା ସୁତ ଦଇତ ପାଇଁ ଗୋ
ଏ ଶୁଭ ଦିନ ଖୋଜ ପାଇବ ନାହିଁ
ମହା ଦୁର୍ଦ୍ଦିନ ଆସୁଅଛି ଘନାଇ ଗୋ । ୩୩ ।

ତାଙ୍କଙ୍କ ଲୋକେ ସଙ୍କୋଚରେ ସେ କାଳେ
ଲୁଚୁଅ ବୋଲି ଗିରି ଗିଣ୍ଡ ଶଇଲେ ଗୋ
ଯେ ନାସ୍ତ ପୟୋଧରୁ କେବେହେଁ କ୍ଷୀର
ସନ୍ତାନ ସ୍ନେହେ ସ୍ରବ ନାହିଁ ନକର ଗୋ । ୩୪ ।

ସେହି ଗୋ ବୋଲାଇବ ସୁଭାଗ୍ୟବତୀ
ଘୋର ଯାତନ ଲାଗୀ ହେ ପ୍ରସୂତା-ଗୋ
ତଳୁ ସଚେତ ଥାଉଁ କଲେଣି ଏହା
କ ମ କଣ୍ଠେ ପୁଣି ଶୁଖିଲେ ଏହା ଗୋ । ୩୫ ।

ଭଣି ଏସନ କରୁଣ ସ୍ୱରେ ଭାରତ
ଆରୋହ କାଲଭେରି ଗିରି ଶିଖର ଯେ
ମରଣେ ରଣ ନବ ଜୀବନ ପଥ
ମରଣ ଆସ୍ୱାଦଲେ ଅମର ନାଥ ଯେ । ୩୬ ।

—୦—

Digitized by srujanika@gmail.com

—୪୭ଶ ଛାନ୍ଦ—

ଅହା-କି ଅଦ୍ଭୁତ ଦେଖିଲି ମୋ ନେତ୍ର
ଗିଙ୍ଘପରେ ଥୋଇ ନନ୍ଦାତ୍ମଜ କୃଷ୍ଣ କି ଦାରୁଣପ୍ରାଣ ବାନ୍ଧିଲେ ନୃଶଂସ
ଦେଖି ସର୍ବେନ୍ଦ୍ରିୟ ହୋଇଲା ଅବଶ ଚିତ୍ତ ବୃତ୍ତି ହେଲାହତ । ୧ ।
ହାତ ପାଦ କଣ୍ଟା ଠୁକା ଶବଦରେ ଚଉକ ପଡ଼ିଲା କିଏ ଠିଆତରେ
ଚମକି ପଶିଲି ଅମରେ ମନ୍ଦିରେ ଆଜି ଏକି ଉପରତ । ୨ ।
ଯାତେ ବନ୍ଧକୃଶେ ସେ ପ୍ରେମସୁନ୍ଦର ଉଦର ଧରିଲେ କୃଶଦେହା ଦଳ
ଅର୍ଦ୍ଧେ ବଦାଳ କାଳବେଶ ଚୂଳ ହୋଇଲା କୃଶ ହେଉଥିତ । ୩ ।
ଦେଖିଥିଲି ମୂର୍ତ୍ତେ କଣ୍ଠାର ଲଡିକା ଝର ପଡ଼ୁଥିଲା ରକତର ଟୋପା
ଉନ୍ମଦନ ହୃଦ ଦାରୁଣ ବେଦନା ବହିଲା ରକତ ସ୍ରୋତ । ୪ ।
ଟଳ ଟଳହେଲା ମହୀ ମହୀଧର ଉଜାଣି ବହିଲା ଯର୍ଦ୍ଧନ ହଲିଲା
କୁଟିଲା ସପତ ପାତାଳ ଅର୍ଗଳ ସାଧୁଏ ଝୁମିନ୍ତୁଥିତ । ୫ ।
ଦୁଃଖେ ବୁଡ଼ିଗଲା ଜଗତ ନୟନ ଅଚଳ ରହିଲା ସଚଳ ପବନ
ତରୁ ଲତା ପତ୍ର କୁସୁମ ଭୂଷଣ ଫିଙ୍ଗିଲେ ତଳେ ଭୂଇଁତ । ୬ ।

—*—

—ଃ ୪୮ଶ ଛାନ୍ଦ ଃ—

(ରାଗ— ଭାମୋଧା)

କୃପା ଜଳପତରୁ ସ୍ୱର୍ଗ ବର୍ଷଣ ଗନ୍ତୁ କୃରଜନଙ୍କ ଉଚଗାତେ
କବଳ କଷ୍ଟହୋଗି ଚଳିଲା ପ୍ରାଣପକ୍ଷୀ ଉପେକ୍ଷି କଳେବର ମର୍ତ୍ତ୍ୟେ ସେ
କୃଶୋପରେ, କଣ୍ଟକୁକରେ ସେ ସଭନ କୁକ୍ଷିରେ ବର୍ଚ୍ଛା । ବେଳହାଣି
କଷ ରକତ ସ୍ରୋତ ବ୍ୟକତ ଅବ୍ୟକତ ଅନନ୍ତ ପ୍ରେମ ପ୍ରଜ୍ଞାଣି ସେ ।

Digitized by srujanika@gmail.com

କୃଷ୍ଣଚନ୍ଦ୍ରେ ଜନମ୍ମ ଜାତେ କୁମର ମଣି ଅଶେଷ ଗୁଣ ଗୁଣି ଚାଉଳରେ
କଳି କଲୁଷହର କଳେବର ଉଜ୍ଜ୍ୱଳ କୋଟିଏ କରମାଳ ଲଦେ
କାଳାନ୍ତକ, ଏ ଦାରୁଣ ପଣେ ଘେଷାଇ ଭଲ୍ଏ ଅମାଭ ଏ ପାଇଁ
କୋଟି କୁବେର ଧନ କଙ୍କାଳୁଣି ଜୀବନ ଏ ଯଶ ଅଇଜଲ୍ ତର୍ଣ୍ଣରେ ।

କରମ ସ୍ନାନ ମୂର୍ତ୍ତି ଢୋପେ ଏ ମଧ ବନ୍ଧୁ ଅମୃତ ସରସି ମୋ କୁଣ୍ଡେ
କଳଙ୍କକେ ଭୋଜନ ସୁଧାସାଗର ଉର୍ଣ୍ଣ କୁଳଷ ପ୍ରଭାବଳ ମୂଣ୍ଡେ ସେ
କଳବଳ, କଣ ନ ଦେନୁଛୁ ପଣ୍ଣ ଏ ଦୋଷେ ଏ ଦୋଷ ଧଧାନ
କୃପାଳୁ ନାମବନ୍ତ କଣିକା କୃପା ନାହିଁ ଦଦ୍ଦୁଛୁ ଅବଳା ପରଣେ ଟସେ ।

ତୁଳ ତେଜବ କାଳୁକୁ କାଳହେଲେ ସୁଜାତି କପଟେ ଦେଲେ କଧସ୍ୱର
କୁଣ୍ଠମନ୍ତ ବନ୍ଧୁସ କୁର ସ୍ୱଜ ପୁ ରୁଷ ଧଲସେ ନଢେ ।ସେ କପାଇ ସେ
କୁର କର୍ମା, କୁଳଶେ ଟଉଚାଙ୍କ ଚଉ କରୁଣା ନାହିଁରେ କଞ୍ଚତ
କର୍ମ କାମ ବେଳକୁ ବଧାଣୀ ଅବଳକୁ ଅଙ୍କୁଚ ହୁଏ ସାଧୁ ହୃତ ।

କାଟିଦେଇ ଗଳା କମ୍ପା ଅବଳା କଳା କ ଦୋଷ ଦେଖି ଆରେଧନ
କଳାକାର ବଦନ କାହୁଁ କଲୁ ଗୋପନ କେମନ୍ତେ ବଞ୍ଚିବ ଜୀବନରେ
କୁଳ ଘାତ,କେ ଅବା ହେବାକୁ ତୋ ମାତା ଜାମିନ କୁଳେ ସମରଥା
କଳପିଥିଲ ଏତେ ତଉତେ ଧଇଚୋଟେ ହୋଇଲ ଅବାଜଗଜ୍ଜି ଚାଟେର ।

କଳୁସ ଦଂଷ୍ଟ୍ରୁଢ଼ ଉଳ ଧଜଡ଼କାନ୍ତ କୁନ୍ତ ଆଘାତେ ହତଶିଷ
କୋମଳ ଅଭ୍ରଅଳ କୋଉଡ଼ା ନଦାରୁଣ ପିଟିତ ଦେଇଛୁ ବଦାସ
କାମରୂପି, କଟେଣ୍ଡେ ନର ମୃକଣ୍ଡ କରଣ ନୋହିଲେ କ ଷତ
କପଟି ଜନ କୁଷ୍ଟ କଷଣ କୃଶକାଠ କଳଙ୍କ ଥାଆନ୍ତା ନଟଣ୍ଣିରେ ।

ଚଣ ଅବତରଣ କୁଣ୍ଡରୁ ଅପଧନ କବର ସମଧି ମାନସେ
କାମିନୀ ବଇକଲ୍ୟ ସ୍ପନ୍ଦନ ମହାନେସଳ ଭେଦିଲା ଅବନୀ ଆକାଶେ ସେ
କରୁଣେଭା, କର୍କଣ ପବନ ଅଚଳ କମ୍ପାଇ ମେଦିନୀ ଅଚଳ
କୁରସହାସେ ଖୁଷିକାଢଇ ସୁକୁମାସ ମାଣଆପୁର କଣକୋଳେ ସେ

Digitized by srujanika@gmail.com

ଜଳ ଗନ୍ଧ ଲେପନ କୋମଳ ଅଙ୍ଗଧନ କଲେ ଭୂଷିତ ଶୁକ୍ଳବାସେ
କାତର ଶିଷ୍ୟବୃନ୍ଦ କାନ୍ଦରେ ଆଦରକର ଶରୀର ବନ୍ଧିଲେ ବିରସେ ସେ
କବରରେ, କଠିନ ଖୋଦିତ ପଥର କନ୍ଦରେ ଥୋଇଲେ ଶରୀର
କ୍ରମଶ ଶତ୍ରୁବୃନ୍ଦ କବରେଦେଇ ମୁଦ ଅଶାନ୍ତା ହୃଦୟେ ଏଥର ସେ ।
ବହଇ ଖ୍ରୀଷ୍ଟଦାସ କାଳ ପୁରୁଷ ଶ୍ୱାସ କାଳ କବଳ ତର୍ଦ୍ଧନ
ବଢ଼ି ଧରଣୀରଣ କଣଳନ୍ଧି ଚରଣ ଗୁପତେ ଜଗତ ବନ୍ଦନ ସେ
କାରୁଣିକ, କୋଟି ହୃଦୟର ପାତକ କଣ୍ଠାଗ୍ରେ କରଇ ଉଦ୍ଧର
କାଳଭେଦୀ ପର୍ବତ କନ୍ଦୁ ରକତ ସ୍ରୋତ ପ୍ଲାବନ ପ୍ରେମରେ
ଜଗତ ସେ ।

—*—

—୪୯ଶ ଛାନ୍ଦ—
(ରାଗ— ରାମକେରୀ)

ଉଠ ଗୋ ତରୁଣ ଚେତନ ଶାଲମର ଯୁବତୀ
ଉଠ ଉଠ ବେଗକରି ଗୋ ପାହିଯାଉଛି ରାତି । ୧ ।
ପୂରୁବ ଦିଗରେ ସିନ୍ଦୂର ଫାଟି ଉଠିବ ଉଷା
ଝୁମ୍ପୁଁ ଝୁମ୍ପୁଁ ଯିବ ଉଭେଇ ଏ ଯେ ପାହାନ୍ତିଆ ତରା । ୨ ।
ପିକ, ଶୁକ, କାକ ଡାହୁକ ପାହାନ୍ତିଆ ଡାକର
ଉଡ଼ି ଉଡ଼ି ବଜାଇବେ ଗୋ ପାହାନ୍ତିଆ ନାଗର । ୩ ।
ପାହିଗଲେ ଆଜ ରଜନୀ ତାଙ୍କୁ ଭେଟିବା ଚିନ
ଜୀବନ ଯୌବନ ଯାହାଙ୍କ ପଦେ ଦେଇଛୁ ବନ୍ଧ । ୪ ।
ଦେଇଥିଲେ ପରାକଣ୍ଠେ ସେ ଆଜ ନ ପାଇ ସତ
ଗାଲିଲୀ ବଟେ କରିବେ ଜଣି ମୃତ୍ୟୁ ଅଭାବ । ୫ ।
ନ ଧାନ୍ତୁ ରଜନୀ ବାୟୁସ ରାବ ଶୁଣିବା ଆଗେ
ଦ୍ୱାରେ ଦ୍ୱାରେ ଡାକେ ମାରିଆ ଆସ ଆସ ଗୋ ବେଗେ । ୬ ।

Digitized by srujanika@gmail.com

ସ୍ନାନମାଣ୍ଡ ବୃନ୍ତ ବସନ ସ୍ନିଗ୍ଧ ଶ୍ୟାମଳବାଳୀ
ସମସ୍ତ ମନୁଷ୍ୟ ଗମନେ ଧରା ବନାନ୍ତ ଖାଳି ।୭।
ଝରନେ ଧରଣୀ ସୁନ୍ଦର କହ୍ଲାର ଗଗନେ
ଘୃଷ୍ଟିଙ୍କୁ ଧୋଇ ଦେଉଛନ୍ତି ଚାରୁ ମଧୁ କଳସେ ।୮।
ମୃଦୁଳ ଦକ୍ଷିଣା ପବନ ବହେ ପୁଷ୍ପ ସୌରଭ
ରୂପସୀ ଧରା ପରନ୍ତ ହୃଦେ ଯୀଶୁ ଗୌରବ ।୯।
ଚଳନେ ଗୃହାନ୍ତ ଚୌଦିଗେ ଯେତେ ସୁପ୍ତ ବିହଙ୍ଗ
ସୁସ୍ୱନ ଆବେଶେ ଗାଉନ୍ତି ସେ ନଈବଚା ଭଙ୍ଗ ।୧୦।
ଉଦୟନ ସରଗ ମାଧୁର୍ଯ୍ୟ ହୃଦେ ସ୍ୱର୍ଗ ସୁଷମା
ଗୁମ୍ଫନ୍ତି ପ୍ରେମ ଆଳାପେ ମୁଗଧ କବି କଳ୍ପନା ।୧୧।
କେ ବୋଲେ ବନାନ୍ତ ଆଳିଆ ଭରି ସୁରଭି ଫୁଲ
ଆଣିଛି ସଖି ଗୋ ଅଞ୍ଜଳି ଦେବି ପଦ ଯୁଗଳ ।୧୨।

ସେ ପଦ ପଙ୍କଜେ ପୂଜି ମୁଁ ପ୍ରେମ ଭକତି ସ୍ରୋତେ
ଆଜନମ ଅଭିଳାଷ ମୋ ପୂରାଇବି ମୁଁ ହେଳେ ।୧୩।
କେ ବୋଲେ ଗୁନ୍ଥିଲେ ସଜନୀ ବୃନ୍ତ କୁସୁମ ହାର
ଗୁନ୍ଥୁଛି ଯତନେ ପ୍ରିୟଙ୍କୁ ଦେବି ପ୍ରୀତି ଉପହାର ।୧୪।
ଦେଇ ପ୍ରେମବଳୀ ହୃଦୟାସନେ ବସାଇ ଅନ୍ତରେ
ସଫଳ କରିବି ଜୀବନେ ଏହି ନାରୀ ଜନମରେ ।୧୫।
ଘଣ୍ଟା କଣା ଗୀତ ବଚନା କହେ ନେତ୍ର ସୁନ୍ଦରୀ
ଆଖିରୁ ସୂଚନ୍ତି ତରଳ ଏମୋ ଗତ୍ତୁଆ ଲହ ।୧୬।
ବରଅଙ୍ଗେ ବୋଳିଦେଇ ମୁଁ ପ୍ରେମ ଚନ୍ଦନ ପଙ୍କରେ
ଅଭିଷେକ କରି ବସାଇ ମୋର ହୃଦ ଦେଉଳେ ।୧୭।
ରକ୍ଷିବି ଜୀବନ ସଙ୍କଟ ପଥେ ତାଙ୍କୁ ଲଗାଇ
ନରୁବା ଜନ୍ମୁର ସିନ୍ଧୁ ସିନ୍ଧ ପୁଣି ଗୋ ନେଇ ।୧୮।

Digitized by srujanika@gmail.com

ପୂଜୁଥିବ ସ୍ୱର୍ଗ ନମ୍ର ହେଇ ପ୍ରେମ ସୁମନ
ସଫଳ ହୋଇବ ମୋହର ଏହି ନାରୀ ଜନମ । ୧୯ ।
ଶୁଣ ଲୋ ସଖି ଏ ସ୍ୱର୍ଗ ଆନ ମଧୁ ସ୍ୱର୍ଗୀ
ତାଙ୍କ ପାଦେ ମୁଁ ତ ଅଟଇ ତାଙ୍କ ଅନୁରାଗୀ । ୨୦ ।
ଉତ୍ତମ ପୁରୁଷ ରତନ ସେ ତ ଅଟନ୍ତି ସଖି
ତାଙ୍କ ଯୋଗ୍ୟ କିସ ଅଛି ଗୋ କାହୁଁ ପାଇବ ମୁହିଁ । ୨୧ ।
ତାଙ୍କପାଦେ ବଳି ଦେଇଛି ମୋର ହୃଦୟ ଅଟେ
ନ ଅଛି ଆଉ ଏ ସଂସାରେ ଯାହା ନ ଦେଇ ପାରେ । ୨୨ ।
ଅତେବ ନ ଅଛି ସଖି ଗୋ ମୁଁ ତ ଅଟେ ତାଙ୍କର
କାଙ୍ଗାଳୁଣୀ ଧନ ମଣିଷ ସେତ ଅଟନ୍ତି ମୋର । ୨୩ ।
ଆଖିନାହିଁ ସିନା ସଖି ଗୋ ମୁହିଁ ପୂଜା ସମ୍ଭାର
କିନ୍ତୁ ଅଛିଅଛି ତାହା ମୁଁ ଯାହା ଜୀବନେ ସାର । ୨୪ ।
ହୃଦୟର ପ୍ରେମ ଆଣିଛି ପ୍ରିୟତମଙ୍କ ପାଇଁ
ପ୍ରେମ ତୁଲେ ସାର ପଦାର୍ଥ କେହ ଜୀବନରେ ନାହିଁ । ୨୫ ।
ଆଣିଅଛି ମୋର ଲୋତକ ଭରା ନେତ୍ର ଯୁଗଳ
ପଖାଳିବା ପାଇଁ ଆନନ୍ଦେ ସେହି ପଦ ଯୁଗଳ । ୨୬ ।
ଆଣିଅଛି ମନ କୁନ୍ତଳ ପାଦ ମୁଛିବା ପାଇଁ
ଆଣିଛି ଅଧର ଦୁଇଟି ପାଦ ଚୁମ୍ବିବା ପାଇଁ । ୨୭ ।
ଆଣିଅଛି ଏହି ଶରୀର ତାଙ୍କ ସେବାରେ ଯେବେ
ଲଗାଇ ପାରିବ ଜାଣିବ ଜନ୍ମ ସଫଳ ହେବେ । ୨୮ ।
ଏହିପରି ପ୍ରେମ ଆଳାପେ ଯେଣୁ ମରମ କଥା
କହି ଚଳନ୍ତେ ଗମନ୍ତି ଶଶୀ ଢାଳଇ ଜ୍ୟୋତ୍ସ୍ନା । ୨୯ ।
ମଗ୍ଦଲିନ ପ୍ରେମ ହୃଦୟେ ଫୁଲ କୁମୁଦ ଯତ
ଚମକ ପଡିଲା ଶୁଣି ଏ ସୁବର୍ଣ୍ଣ ଭାରତୀ ।

Digitized by srujanika@gmail.com

ଗଣିନି କୁମୁଦେ ମେଲାଣି ଦଣ୍ଡ ଆଜର ପାଇଁ
କାଲି ମୁଁ ସମୟେ ଆସିବ ଚିନ୍ତା କରିବୁ ନାହିଁ ।
ଭାସେ କୁମୁଦମା ନଈରେ ଗଣି ଶୋକ ସଲିଳେ
ଓ ତୁମ୍ଭ ଅନ୍ତରେ ଆଜି ନାଥହେ ମୋର କରୁଣା ଥିଲେ ।
ଲୋଚନରେ ଝରଇ ଶୋକାଶ୍ରୁ ଯାଗି ନୟନ ମୋର
ବନ୍ଧୁଙ୍କ କି ଚିତ୍ତ ମୋହନ ହୋଇବାକୁ ଅନ୍ତର ।
ନିୟତି ଶାସନ ସଂସାରେ ସତ୍ୟ ବଡ଼ କଠୋର
ନିୟତି ଶାସନକୁ ଲଙ୍ଘିବେ ନାହିଁ ରଙ୍କ କିଶୋର ।
ଅମର ହେଲେ କେଁ ନିୟତି ବଳେ ମର୍ତ୍ତ୍ୟମଣ୍ଡଳେ
ଜନମ ଲଭିଲେ ରହିବ ନଷ୍ଟେ ଯମ କବଳେ ।
ଅନନ୍ତ ବ୍ରହ୍ମାଣ୍ଡ କରତା ସେହି ଶ୍ରୀକୃଷ୍ଣାନନ୍ଦ
ନର ଦେହେ ଅବତରିଲେ ଦେଖି ଦୟାଳ ଛନ୍ଦ ।
ମୋ ତୁଚ୍ଛ କଥା କି କହିବୁ ଦେଖ ବସୁଧାରା
ନୟନେ ବହନେ ଅଛନ୍ତି ନୟନର ନର୍ମଦା ।
ଋଷି ପାଣ୍ଡବଙ୍କ ଶମନ ତାଙ୍କୁ କ୍ଷଣରେ ଆଜି
ତନ ଧନେ କିଏ ରହିବ ସେ କାଳ ଶମନ ଦାଉ ।
ସତ୍ୟ ମୁଁ ଯେପର ହୃଅର ଗନ୍ଥ କବନ୍ଧୁ ମୁକ୍ତ
ଆଜ ନଷ୍ଟେ ଯମ ଜଣିବେ ମେଷ କୁମାରୀ ସୁତ ।
ଖେଳେଣି ଦେଖ ଗୋ ପ୍ରେମିକାମାନେ କବର ସ୍ଥାନେ
ପୂଜିବେ ସେ ପାଦ ସରୋଜ ପ୍ରେମ ଅଞ୍ଜଳି (କୁସୁମ) ଦାନେ ।
ସେ ପାଦ ପୂଜିବା ପାଇଁ କି ଆସିବେ ଭକ୍ତ ସଣୀ
ରହି ନ ପାରିବ ଆଜ ମୁଁ ନେଉଅଛୁ ମେଲାଣି ।
କୁମୁଦ ଅରଣ୍ୟ ବେଦନା ଭର ବକ୍ଷ ହୃଦରେ
କାନ୍ଦୁଣି ଗଗନେ ତାରକେ ନଳାଶାର ଦୁଃଖରେ ।

Digitized by srujanika@gmail.com

ଭଣେ ଖ୍ରୀଷ୍ଟଦାସ ଶୁଣ ଜଗେ ଯୀଶୁ ପ୍ରେମିକାମାନେ
ସେ ପଦ ପୂଜିବା ପାଇଁ କି ଯତନ ତୁମ ଅନ୍ତରେ ॥

—※—

—୪୦ଶ ଗୀତ—

କାହିଁ ସମାଧିରେ ଦେହ ଦିଶୁ ନାହିଁ, ଗୋ ପ୍ରିୟ ସଖୀ । ଧ୍ରୁ ।

କହନ୍ତେ ସତ୍ୟ କି ହେଲା, ମୋର ନୟନ ପିତୁଳା
କେ ଅବା ଚୋରାଇ ନେଲା
ଯୋଦ୍ଧା ପହରଣ ଦେଉଥିଲେ, କେଉଁ ପଥେ, ଲଭିବ ଛିଦ୍ର ଚାହିଁ ଗୋ । ୧ ।

ଅସ୍ତ୍ରେ ସଜ୍ଜମାନେ, ଖୋଜିବା ଏ ଘୋର ସ୍ଥାନେ
ଶ୍ୟାମ ପଥର ଗହନେ
ଲୁଚି କା ଥିବେ ଗୋପନେ; ଛଳେମୋର ପରିଖିବା ପାଇଁ ଗୋ ।୨।

ମନେ ପଡ଼ୁ କୃଷ କଥା ମରମେ ବାଧୁଛି ବ୍ୟଥା
ଜମାଇ କଲେ ଅନ୍ୟଥା
ଜାଣିଛୁ ତ ତାଙ୍କ କଥା ଜଗାଦାତ, କେବେ ନୁହେଁ ସେହି ଗୋ ।୩।

ଜନନ ଭଗ ଭଣ୍ଡ, ଦେବାକୁ ସେ ଯମ ଦଣ୍ଡ, ଉଠାଣି ହେବେ ଲଙ୍ଘିତ
ଉଠନ୍ତି ସେ ପ୍ରଳୟ, ପ୍ରାଣଦାନ, ଅଦେଶ ପରାକ୍ରମ । ୪ ।
ଘେନ ଖ୍ରୀଷ୍ଟଦାସ ଭକ୍ତି ଶୁଣ ଲୋ ଭଗ୍ନି, ମଣି କାନ୍ଦିକ ଏବେ ଘନଳଣି
ମୃତ୍ୟୁଞ୍ଜୟୀ ହୋଇଛନ୍ତି, ଏହିଠାରେ ଜଗସ୍ରଷ୍ଟା ଦେଖ ।୫।

—※—

Digitized by srujanika@gmail.com

— ୫୧ ଶ ଛାନ୍ଦ —

ଛିଦ୍ର ସଙ୍କଟରେ ଆଜ ଦେଖିଲି ପାପୀ ବନ୍ଧୁଙ୍କୁ
ଜିଣି ଅଛନ୍ତି ମୃତ୍ୟୁସିନ୍ଧୁଙ୍କୁ । ଧ୍ରୁ ।
ସାନ୍ଦ୍ର ଜ୍ୟୋତି ପୁଞ୍ଜେ ଅଙ୍ଗ କି ଶୋଭା ଧରେ
ମୁଖ ଜିଣିଛି କୋଟି ଇନ୍ଦୁଙ୍କୁ ଗୋ ।୧।
ସୁରଭି ଫୁଲବନେ ଅନ୍ଧସେ ତୋର ସ୍ଥାନେ
ହୃଦେ ଧରିଛି ସୁଧା ସିନ୍ଧୁଙ୍କୁ । ୨ ।
ସେ ବନମାଳୀଙ୍କୁ ଅନାଦରେ ପୁଛିଲି
ଦେଖି ଅଛନ୍ତି ପ୍ରାଣ ବନ୍ଧୁଙ୍କୁ । ୩ ।
ଭାବି ପିୟୂଷ ଭାଷ ସନ୍ଦେହ କଲେ ନାଶ
ଚିହ୍ନିଲି ମୋର ପ୍ରାଣ ବନ୍ଧୁଙ୍କୁ । ୪ ।
ତୋଳ ସୁରଭି ଫୁଲ ଗୁଳ ସରବେ ଗୁନ୍ଥ
ପ୍ରେମେ ପୂଜନ୍ତି ପ୍ରେମ ସିନ୍ଧୁଙ୍କୁ । ୫ ।
ଖ୍ରୀଷ୍ଟ ଦାସ ଭାଷନ୍ତି ଶୁଣ ଗୋ ସାଧ୍ୱୀଗଣ
ବୋଲ ତା ପଦରଜ ହୃଦକୁ । ୬ ।

—*—

—୫୨ଶ ଛାନ୍ଦ—

ଆଜ ଗାଅରେ ଆନନ୍ଦରବେ ଜୟ ପ୍ରେମମୟ ବୋଲି
ଗାଅ ମାରୁ ବନ୍ଦନା ଅଜ ମହାନନ୍ଦେ କରିତାଳି । ଧ୍ରୁ ।

Digitized by srujanika@gmail.com

ଯେ ନାମେ ଯାତନା
ନାଶି ହୃଦେ ପୂରି ଉଠେ ସ୍ୱର୍ଗ ସୁଷମା
କଦମ୍ବ ତେ ଫୁଲ ଫୁଟେ ଗାଅ ନାଚ ତାଳି ତାଳି
କରୁଣା ସାଗର ୦
ଢାଳି ଦେଲେ ଯେଉଁ ପ୍ରେମେ ବକ୍ଷ ରୁଧିର
(ସେହି) ପ୍ରେମ ଗୁଣ ପ୍ରାଣେ ପ୍ରାଣେ ଗାଅ ନାଥ ନରମିଳି

—*—

—ଃ ୫୩ଶ ଛାନ୍ଦ ଃ—

ଆରେ ସନ୍ନା ଭାଇ ସାଙ୍ଗକୁ ଚାଲିଆ ୦
ହାତରେ ଧରି ଛୋଟା ନାଲିଆ ଚାଲିଆ । ୦

ଖ୍ରୀଷ୍ଟିଏ ଅଙ୍କିଦେଇ ବକ୍ଷରେ ଧ୍ୱଜା ଉଡ଼ାଇ
ଯୀଶୁନାମେ ଜୟଗାଇ ନାଚି କୁଦି ଚାଲିଆ । ୧ ।

ଖ୍ରୀଷ୍ଟର ମହିମା ଯେତେ ଗାଇବୁଲିବା ଜଗତେ
ଜୀବକୁ ପରସ୍ୱର୍ଗେ ପଠାଣି ଚାଲିଆ । ୨ ।

ଭେଦ କାଳିବେଶ ଗିରି ଖ୍ରୀଷ୍ଟରୁ ଉତ୍କୃଷ୍ଟ ଝଣ୍ଡି
ଅନନ୍ତ ପ୍ରେମ ମାଧୁରୀ ଚାଖିବୁ ଚାଲିଆ । ୩ ।

ଏହି ପ୍ରେମ ହସ୍ତ ଦେଖି ଧାରା ଦୁନିଆରେ ମାଡ଼
ଧୋଇ ଧୋଇନେବ ଡୁଁ ପାପ ପଙ୍କ ଚାଲିଆ । ୪ ।

—*—

Digitized by srujanika@gmail.com

— ୫୪ଶ ଛାନ୍ଦ —

ଶିବ ସତ୍ୟ ସୁନ୍ଦର ଜୀବଜୀବନାଧାରେ
ଧନ୍ୟ ଆନନ୍ଦ ସ୍ତୁତି ଆସ ଏ ସମ୍ମିଳନେ
ପ୍ରିୟ ପିତୃତ୍ୱ ଧାମ ଶାନ୍ତି ସୁଖ ଆସ୍ପଦ
(ଆଜ ଉତ୍ଫୁଲ୍ଲ ଉଠ ଚିତ୍ତ ଶୁଭ୍ରଗଗନେ । ଧ୍ରୁ ।
ଆସହେ ପରମ ପିତା ସର୍ବେଶ୍ୱର
ବିଶ୍ୱାସ ହେଉ ସେ ମୋର ଦେଇଣ ଭାର
ତୁମର ପଦରେ ଚିର ପ୍ରେମ ହୋଇ ବିଗଳିତ
ପ୍ରବାହୁ ପ୍ରେମ ଅମୃତ ନରମର ଜୀବନେ । ୧ ।
ଆସହେ ଆସହେ ଶାନ୍ତି ସନ୍ତୋଷ ଦାତା
ଜ୍ୱଳନ୍ତ ଅନଳ ରୂପୀ ପବିତ୍ର ଆତ୍ମା
ସେ ଅନଳ ପୂର୍ଣ୍ଣ କଲ୍ୟାଣ ମାନବ ମନ ପବିତ୍ର
ସାଜ ସାଜି ଦେଉ ଆଜ ପ୍ରେମ ମନ୍ଦା ରଚନେ । ୨ ।
ଆସହେ କୁମାର ରୂପୀ କରୁଣା ସିନ୍ଧୁ
ଗୋଚର ଜନ ରକ୍ଷଣ ପାତକୀ ବନ୍ଧୁ
ସୃଜନ ଜଗତ ମାନେ ଅଦ୍ଭୁତ ଶୋଭିତ
ମଙ୍ଗଳ ସୁନ୍ଦର ରାଜ୍ୟ ପ୍ରେମ ଶାନ୍ତି ସନ୍ଧାନେ । ୩ ।
ଆସ ସର୍ବେ ଭଜିବା ମଙ୍ଗଳମୟ
ଶୁଦ୍ଧ ପ୍ରେମ ଭକ୍ତିରେ ଶୂନ୍ୟ ହୃଦୟ
ତୁମରି ଅନୁଗ୍ରହେ ଉଦ୍ଦୀପିତ ଜଣ ଜଣ
ଏକାଗ୍ର ଅନ୍ତର କଣ୍ଠ ବନ୍ଦା ଚରଣେ । ୪ ।

Digitized by srujanika@gmail.com

Digitized by srujanika@gmail.com

ପ୍ରେମମନ୍ତ୍ର

୧

॥ ଖଣ୍ଡକାବ୍ୟ ॥

Digitized by srujanika@gmail.com

ସ୍ତୁତି

ଅନାଦି ଅନନ୍ତ ଯୀଶୁ ଜଗତ ଜୀବନ;
ଅଭିଷିକ୍ତ ତ୍ରାଣକର୍ତ୍ତା ପତିତପାବନ ।୧।
ଅଘ ତମସା ବିନାଶୀ ଅମୃତ ଅଗଦ,
ଅନନ୍ତ ଜୀବନ ଉତ୍ସ ଅବ୍ୟକ୍ତ ଶବଦ ।୨।
ଅସୀମାନୁଭାବମୟ ସଦା ଅବିତଥ,
ଅରୂପାନନ୍ଦ ଅଚିନ୍ତ୍ୟ ବରାଭୟ ପଦ ।୩।
ଅଖିଳ ବ୍ରହ୍ମାଣ୍ଡ ପତି ସ୍ୱୟମ୍ଭୂ ଶାଶ୍ୱତ,
ଅଜ୍ଞାନଙ୍କୁ ଓଜଃ ବୀର୍ଯ୍ୟ ବିଧଦ କପୋତ ।୪।
ଅଧର୍ମ ଦଳନ ପ୍ରେମମୟ କ୍ରୋଧେ ଧୀର,
ଅଘ ଅମା-ତମହାରୀ ଧରମ ମିହିର ।୫।
ଅହିଂସା ପରମ ଧର୍ମ ଶିକ୍ଷା ଦୀକ୍ଷା ଗୁରୁ,
ଅଜାତରେ ନରେ ଶାନ୍ତି ସମ୍ପଦ ବିତରୁ ।୬।
ଅବାରିତ ପାପୀଙ୍କୁ ତୋ କୈବଲ୍ୟ ଭଣ୍ଡାର,
ଅକୈତବ ପାପୀ-ବନ୍ଧୁ ଅଳକା ଦୁଆର ।୭।
ଅକ୍ଷୟ ଅନାଥ ନାଥ ଅଗତିର ଗତି,
ଅଚ୍ଛ ହୃଦୟେ ବସୁ ଅସୀମ ମୂରତି ।୮।
ଅମାପ ଆଶିଷ ତୋର କିଏ ନ ଲଭୁଛି,
ଅକପଟେ ତୋ ପାଦେ ଯେ ଶରଣ ପଶିଛି ।୯।
ଅବ୍ରହାମ ଆଦି ଯେତେ ପୂର୍ବ ପୁରୁଷ,
ଅଭୟ ପାଦରେ ପଡ଼ି ପିଇଲେ ପିୟୂଷ ।୧୦।

Digitized by srujanika@gmail.com

ଅଭାବ ନ ଅଛୁ ତାଙ୍କ ଯେ ତୋର ଭକତ,
ଅପାଙ୍ଗେ ତୋ ଭୁଞ୍ଜେ ସୁଖେ ସ୍ୱରଗ ସମ୍ପଦ ।୧।
ଅକଳନ୍ତା କୃପାରୁ ତୋ ପଙ୍ଗୁ ଲଙ୍ଘେ ଗିରି,
ଅମରତା ଲଭେ ନର ତୋତେ ଆଶ୍ରା କରି ।୨।
ଅଜ୍ଞାନ-ଜ୍ଞାନଦ ଦେବ ଅବିଦ୍ୟା ନାଶନ,
ଅନନ୍ତ ଶକତିଶାଳୀ ବିଶ୍ୱେକ ସୃଜନ ।୩।
ଅପାରଗ-ଗୀର ମୋଶା ହୋଇଲେ ବାଗୀଶ
ଅଜ୍ଞ ସଲୋମନ ମୂର୍ଖ ହେଲେ ଜ୍ଞାନାଧୀଶ ।୪।
ଅତି ଅକିଞ୍ଚନ ଧନ ପୁଣ୍ୟ ନାହିଁ କିଛି,
ଅକୂପାର ତରିବାକୁ ସାହସ ବାଞ୍ଛୁ ।୫।
ଅଖଣ୍ଡ କୃପାରୁ କଣିକାଏ ମୁହିଁ ପାଇବି,
ଅକୁତୋଭୟେ ତୋ ଯଶଃ ସଂସାରେ ଗାଇବି ।୬।
ଅଳପ ମାତର ପ୍ରେମେ କଣ୍ଟେଲେ କରୁଣା,
ଅଖିଳ ଯାଚିବେ ମୂର୍ତ୍ତି ତୋ ଉକତେ କଣା ।୭।
ଅଭୟ ଚରଣ ବୋଲି ପଶିଲି ଶରଣ,
ଅପଦାର୍ଥ ବୋଲି ମୋତେ ନକର ବର୍ଜନ ।୮।

—o—

Digitized by srujanika@gmail.com

ଅବଚ୍ଛିନ୍ନ ପ୍ରୀତି—

ପ୍ରୀତି ମହିମା କି ବର୍ଣ୍ଣିବାରେ ପାରି,
ଖ୍ରୀଷ୍ଟ ସଙ୍ଗେ ମୁଁ ତ ଯେ ପ୍ରୀତି କଲଇଁ ।୧।
ମୋ ମନ ମନ୍ଦିରେ ଗୋପନରେ ପଶି,
ଚିତ୍ତ ଚୋର ଚିତ୍ତ ନେଲା ଆକର୍ଷି ।୨।
କି ମୋହନ ମନ୍ତ୍ରେ କଲା ମୋତେ ଭୋଳ,
ଘଡ଼ିକେ ଦେଲା ଏ ଜଗତ ଭୁଲାଇ ।୩।
ତା' ପ୍ରୀତି ଫାନ୍ଦରେ ଯେ ପଡ଼ିଛି ବାଧ
ଆଉ ଏ ଜନ୍ମରେ ଉବୁରି ନପାରେ ।୪।
ଅଜ୍ଞାତେ ତା' ଫାନ୍ଦେ ଦେଇଛିରେ ପାଦ,
ଦେଇ ଛୁଟିଛି ମୋ ଆଜନମ ସାଧ ।୫।
ଦେଖିଥିଲି ପ୍ରୀତି ଭ୍ରମର କମଳ,
କୁମୁଦ ଚାନ୍ଦକେ ପ୍ରୀତି କୁମୁଦର ।୬।
ଦେଖିଛି ମୁଁ ବନେ ବନ କୁସୁମର,
ପ୍ରେମ କେଳି ଦେଖ ସରଧା ନକର ।୭।
ଯୁବକ ଯୁବତୀ ପ୍ରୀତିର ପ୍ରସଙ୍ଗ,
ସୃଜିତ, ରଞ୍ଜିତ ବହୁବିଧ ରଙ୍ଗ ।୮।
ମାନ, ଅପମାନ, ବିରହ ବିଧୁର,
କେବେ ବା ମିଳଣ ମହତ୍ତ୍ୱ ମଧୁର ।୯।
କଣ୍ଠ ।ସଙ୍ଗାଣ୍ଠା, ନୈରାଶ୍ୟ ଲାଞ୍ଛନା,
କେବେ ବା ଆଶାର ଅମୃତ ବଞ୍ଚନା ।୧୦।
କେବେ ସୁଧା କେବେ କାଳକୂଟ ପାନ,
ଜଗତ ପ୍ରୀତିର ଏହି ସତ୍ତ ମାନ ।୧୧।

Digitized by srujanika@gmail.com

ଏ ଅଟେ କେବଳ ପୀରତି ଉନ୍ମାଦ,
ନ ମେଣ୍ଟିବ ଏଥି ନର ପ୍ରେମ ସାଧ ।୧୨।
ଏ ଜଗତେ ଯେତେ ପ୍ରୀତି ଏକ୍ସଚେଞ୍ଜ,
ସୁଙ୍କଗଲେ ଆଶା ପ୍ରୀତି ପାଏ ସତ୍ତ ।୧୩।
ପ୍ରେମ ବଜାରସ୍ଥ ଢଳା କଣା ଭଳି,
ଜଗତେ କେବଳ ପ୍ରୀତି ସୌଦାଗର ।୧୪।
କିନ୍ତୁ ଏବେ ପ୍ରୀତି ଫାନ୍ଦେ ମୁଁ ପଡ଼ିଛି,
ଅନାୟତେ ଦେହ ପ୍ରାଣ ଅରପିଛି ।୧୫।
ଏ ପ୍ରୀତିରେ ନାହିଁ ଝରଦ ଦେଉଦା,
ନାହିଁରେ ଏଥିରେ ସ୍ୱାର୍ଥର ବାସନା ।୧୬।
ଏବେ ସ୍ୱର୍ଗ ସ୍ୱପ୍ନ ମନ୍ଦାକିନୀ ଧାରି
ମୋର ଶତାବ୍ଦୀରେ ସେ ଯେ ଧ୍ରୁବ ତାରା ।୧୭।
ପ୍ରୀତି ରାଜ୍ୟ ସେ ମୋ ପ୍ରେମିକ ସମ୍ରାଟ
ଯାହା ଶିରେ ଶୋଭେ କଣ୍ଟକ କିରୀଟ ।୧୮।
ନିନ୍ଦା, ଲଜ୍ଜା, ଅପମାନ ଛାଡେ ଦଳି,
ମଜ୍ଜିଛି ପ୍ରେମେ ତା' ମନ ଜଳ ଜଳ ।୧୯।
ପ୍ରୀତି ଉପବନେ ସେ ଯେ ସୁରସାଳ
ରସାଳ ଦ୍ରୁମ ମୁଁ ବ୍ରତତୀ ତାହାର ।୨୦।
ଅଙ୍ଗେ ଜଡ଼ିଅଛି ପ୍ରେମ ନିରଭୟେ,
ବନ୍ଧୁ ପଡ଼ିଛି ଝଞ୍ଜା ପବନ ନିର୍ଦ୍ଦୟେ ।୨୧।
ତଳେ ମୋତେ ଭିନ୍ନ ନ ପାରିବ କରି
ଆସୁ ପଛେ ପ୍ରଳୟର ମୂର୍ତ୍ତି ଧରି ।୨୨।
ସେ ଅଟେ 'ଶାରୋଣ ଗୋଲପ' ମୋହର,
ମୁଁ ତା' ମକରନ୍ଦ ଆଶାୟୀ ଭ୍ରମର ।୨୩।

Digitized by srujanika@gmail.com

ସେ ତ ନିରମଳ ପୂର୍ଣ୍ଣ ଶଶଧର;
ମୁଁ ସୁଧା ପିପାସୀ ଚକୋର ମାତର । ୨୪।
ଆଦର ଭାଷାରେ ତାଙ୍କ ସ୍ନେହ ସ୍ୱରେ,
ଗାତ୍ରେ ଯେବେ ପ୍ରେମ ଆଲିଙ୍ଗନ କରେ ।୨୫।
ଭୁଲିଯାଏ ମୋର ଅନିତ୍ୟ ସଂସାର,
ଭୁଲିଯାଏଁ ବନ୍ଧୁ ବାନ୍ଧବ ଦେଶର ।୨୬।
ମିଶିଯାଏଁ ଅଙ୍ଗେ ପ୍ରେମ ଆଲିଙ୍ଗନେ,
କୋଟି ସ୍ୱର୍ଗ ଭୁକ୍ତ ପୁଞ୍ଜ ପ୍ରାଏ ମଣେ ।୨୭।
ଯେ ପ୍ରୀତି ବନ୍ଧନ ବାନ୍ଧିଛି ତା' ସଙ୍ଗେ,
ଭେଦ ରଖି ନାହିଁ ତା' ଅଙ୍ଗେ ମୋ ଅଙ୍ଗେ ।୨୮।
ଏ ପ୍ରେମ ବନ୍ଧନ ଛିନ୍ନ କରେ ମୋତେ,
ଶକ୍ତିଧର କିଏ ଅଛି ଏ ଜଗତେ ?୨୯
ଲାଞ୍ଛନା, ବଞ୍ଚନା, ଶୋଷଣ ଯାତନା,
ଷଡ଼ରିପୁ ପୀଡ଼ା ବିଳାସ ବାସନା ।୩୦।
ଦୁର୍ଭିକ୍ଷ, ମଡ଼କ, ତୀକ୍ଷ୍ଣ ଅସି ଧାର,
ନିନ୍ଦା, ଅପମାନ, ଅଗ୍ନି ପାରାବାର ।୩୧।
ଭୂତ, ଭବିଷ୍ୟତ କିମ୍ବା ବର୍ତ୍ତମାନ,
ଅଧଃ, ଊର୍ଦ୍ଧ୍ୱ, ଅବା ଅବା ଅସ୍ତୁଦଗମାନ ।୩୨।
ବଇକୁଣ୍ଠ ଭୂମି, ନରକ ଶକତି,
ଭୁଲାଇ ନପାରେ କେହି ଏ ପୀରତି ।୩୩।
ଧନ, ଜନ, ଅବା ମହତ୍ତ୍ୱ ମର୍ଯ୍ୟାଦା
ଏ ପ୍ରୀତି ପଥରେ କିଏ ଦେବ ବାଧା ? ।୩୪।
ତା' ପ୍ରେମରେ ମୋତେ ମୃତ୍ୟୁ ବା ଜୀବନ
ଭିନ୍ନ କରିବାକୁ କିଏ ହେବ କ୍ଷମ ? । ୩୫ ।

Digitized by srujanika@gmail.com

ଏ ଭକ୍ତ ପ୍ରେମିକ ପ୍ରୁ ତୁଷ୍ଟ ରହନ
ପ୍ରେମ ପାଇ ମୋର ସାର୍ଥକ ଜୀବନ । ୩୭ ।

—O—

୯

ପ୍ରେମମୟ

ପ୍ରେମର ଅମୀୟ ଝରି "ଶାଲମ ରାଜନ"
ପ୍ରେମସିକ୍ତ ସୁଧାଅଂଶୁ ହୃଦୟ ଚନ୍ଦନ । ୧ ।
ପ୍ରଣୟର ରଙ୍ଗଭୂମି ତୁ ନାଥ ମୋହର
ପ୍ରେମର ନିର୍ଝର ଅଟୁ ଅତି ମନୋହର । ୨ ।
ତୋ ରୂପ ଉପମା ଭବେ ପାରେ କେବା କହି
ସ୍ୱର୍ଗୀୟ ମୂରତି ଆହା ଲଳିତ ମାଧୁରୀ । ୩ ।
ସୁଖର ତରଣୀ ତୁ ମୋ ଦୁଃଖର ସାଗରେ
ଆନନ୍ଦ ଅମୀୟ ଦାତା ବିଷର୍ଣ୍ଣ ଚିତ୍ତରେ । ୪ ।
ଚିନ୍ତାନଳ ଦଗ୍ଧ ଚିତ୍ତେ ସଞ୍ଚାରି ଜୀବନ
ପତିତ ପାବନ ଧାତା ନିର୍ଲୋକ କାରଣ । ୫ ।
ପ୍ରେମର ମୋହନ ମାଳା ତୁ ସଖା ମୋହର
କାମନାର କଳ୍ପତରୁ ଆନନ୍ଦ ଆକର । ୬ ।
ଆଜନମ ଆଶା ମୃତେ ଯେମ ହେବ ଅସନ
ଭକ୍ତି-ପ୍ରୀତି-ପୁଷ୍ପ ଯେନ କରେ ବନ୍ଦାପନ । ୭ ।
ଆସନାଥ ରହିଁ ବସିଅଛୁ ଏ କିଙ୍କର
ଚରଣ ସେବିବା ପାଇଁ ହୋଇ ଉଜାଗର । ୮ ।

Digitized by srujanika@gmail.com

ଆମ ନାଥ ଦାଅ ଠରେ ପ୍ରେମ ଆଲିଙ୍ଗନ
ଅନୁପମ ସ୍ୱର୍ଗ ସୁଖ ହୁଏ ମୁଁ ମଗନ । ୯ ।
ସଂସାର ସାଗର, ଶକ୍ତିନାହିଁ ତରିବାର
ଭୀଷଣ ତରଙ୍ଗ ତହିଁ ଭୀଷଣ ଆକାର । ୧୦ ।
ଜୀବନ ତରୀର ଅଟେ ନିପୁଣ ନ ଉସ୍ର
ପ୍ରେମ ସଙ୍ଗେ ଚଲା ଏତ ଲାଳସା ଭରଁଶ । ୧୧ ।
ପ୍ରେମସ୍ୱଜ ପାଦେ ହେଉ ପ୍ରେମର ପ୍ରଣାମ
କର ନିତ୍ୟ ଗାଇବ ପ୍ରେମ ସ୍ତବ ଗାନ । ୧୨ ।
ପ୍ରେମମୟ ପରମେଶ ପ୍ରେମର ନିଧାନ
ସୃଷ୍ଟି ତବ ପ୍ରେମ ମୂର୍ତ୍ତି ପ୍ରେମର ନିଦାନ । ୧୩ ।
ଯେଉଁଦିଗେ ଚାହେଁ ପ୍ରେମ, ସର୍ବେ ପ୍ରେମାଧୀନ
ଜନପୁରେ ପ୍ରେମ ସାର ପ୍ରେମଟି ଅସୀମ । ୧୪ ।
ସଜନ ନଗର ଅବା ବିଜନ କାନ୍ତାରେ
କୁସୁମିତ କୁଞ୍ଜେ କିବା ଶ୍ମଶାନ ରଜରେ । ୧୫ ।
ମର ବା ଅମର ଜଳ ସ୍ଥଳ ଶୂନ୍ୟ ଚର
ତୋ ପ୍ରେମ ବିଧାନେ ସର୍ବେ ଆସୃତ ପ୍ରେମର । ୧୬ ।
ସୂର୍ଯ୍ୟ, ଚନ୍ଦ୍ର, ବସୁନ୍ଧରା; ତାରକା ନିକର
ତୋ ପ୍ରେମ କୁହୁକେ ଛନ୍ଦା ଛନ୍ଦ ପରସ୍ପର । ୧୭ ।
ଅଣୁ ପରମାଣୁ ପ୍ରେମେ ସୃଷ୍ଟି ଉପୁଜାଏ
ବାଲିକଣା ମିଳି ଯଥା ଉପଳ ବୋଲାଏ । ୧୮ ।
ଉତ୍ତୁଙ୍ଗ ପ୍ରାସାଦେ କିବା ସୁନୀଚ କୁଟୀରେ
ପ୍ରେମର ଏକାଧିପତ୍ୟ ଅଛି ସବୁଥିରେ । ୧୯ ।
ଲଗାଇଛୁ ମହାପ୍ରେମ ଲୀଳା; ପ୍ରେମମୟ !
ଜାଣିଲି ଲଭିଲି ପ୍ରେମ ସବୁଠାରେ ଜୟ । ୨୦ ।

Digitized by srujanika@gmail.com

ଦାନବେ ପୁତ୍ରେ ପ୍ରେମେ କ୍ଷମ ନକଲ
ଭ୍ରମେ ତନ୍ତ୍ରୀ ପ୍ରେମମ୍ବରେ ଝମ୍ପି ଭ୍ରମର । ୨୧ ।
ପୁଷ୍ପ ଚନ୍ଦ୍ର ତୋ ପ୍ରୀତିରେ ସ୍ୱଚ୍ଛନ୍ଦ ରଚଣ
ମୁଗଧ ନକ୍ଷତ୍ର ଜଳ ମୁକୁରେ ଦେଖିଣ । ୨୨ ।
କୌମୁଦୀ ଚର୍ଚ୍ଚିତ ଧରା ହସଇ ପ୍ରେମରେ
ଗନ୍ଧବହ ବହେ ଫୁଲ ସୌରଭ ସଙ୍ଗରେ । ୨୩ ।
ବୃକ୍ଷ ଡାଳେ ବସି ପିକ ପ୍ରେମର ସଙ୍ଗୀତ
ଗାନେ ବନସ୍ଥଳୀ ପ୍ରେମେ କରେ ନିନାଦିତ । ୨୪ ।
ଅଚ୍ଛେଦ୍ୟ ପ୍ରେମ ବନ୍ଧନେ ବଦ୍ଧ ନର ନାରୀ
ସାଧିକାର, କିଏ ହେବ ପ୍ରେମର ଭଗାଣ । ୨୫ ।
ମାନବେ ପଶୁର ପ୍ରୀତି ପଶୁରେ ମାନବ
କାମ, କ୍ରୋଧ, ହିଂସା ଆଦି ପ୍ରେମେ ପରାଭବ । ୨୬ ।
ପ୍ରେମ ମୁକ୍ତ କରେ ଷଡ଼ରିପୁର ବନ୍ଧନ
ପ୍ରେମେ ତରି ଯିବେ ସର୍ବେ ସଂସାର ତୋଫାନ । ୨୭ ।
ପ୍ରେମରେ ଅଳସ ଦେଖି ମାନବ ଜୀବନ
ପ୍ରେମରାଜ ବୁଦ୍ଧ କଲେ ପ୍ରେମ ଉଦ୍ଦୀପନ । ୨୮ ।
ସେହି ପ୍ରେମ ଆତ୍ମା ରୂପେ ଆସି ପ୍ରେମ ଭରେ
ପ୍ରେମ ବନ୍ଧୁ ବସନ୍ତିଲେ କୁମାରୀ ଗର୍ଭରେ । ୨୯ ।
ଖ୍ରୀଷ୍ଟ ଧରଣ ତନୁ ଗରଭ ସଞ୍ଚାର
ତେଣୁ କୋଲାହଳ ଭରେ କୁମାରୀ କୁମାର । ୩୦ ।
"ଯେଉଁ ନାରୀ ଦୋଷେ ହେଲେ ପାତକ (ଅପ୍ରେମ) ପ୍ରବେଶ-
ସେହି ନାରୀ ବଂଶେ ପୁଣି ହୋଇବ ନିଃଶେଷ" । ୩୧ ।
ସିଦ୍ଧ ହେଲା ଏବେ କାଳେ ସେହି ମହାବାଣୀ
ଏଦନ ଉଦ୍ୟାନେ ପ୍ରଭୁ ଥିଲେ ଯା' ବଖାଣି । ୩୨ ।

Digitized by srujanika@gmail.com

ପ୍ରେମମୟ ପ୍ରେମେ ଆଜ ଦାସ ରୂପୀ ହେଲେ
ଶତ୍ରୁର ପାଦକୁ ପ୍ରେମେ ନିଜ ହସ୍ତେ ଧୋଇଲେ ।୩୩।
ଶିଷ୍ୟଙ୍କୁ ଗୁରୁଣ ପ୍ରେମମନ୍ତ୍ର ଶିଖାଇଲେ —
ଶତ୍ରୁଙ୍କୁ ସାଧିବ ପ୍ରେମେ; ମୋ ଶିଷ୍ୟ ହୋଇଲେ ।୩୪।
ପ୍ରେମସ୍ଥାନ କର ଅଟେ ମୋର ଅଗ୍ରଜନ
ସେ ମୋହର ମୁଁ ତାହାର ଯେହୁ ପ୍ରେମୀ ଜନ ।୩୫।
ଅଭିଶାପ ଦେଇ ଯେହୁ କରେ ନିନ୍ଦାବାଦ
ଅକପଟ ପ୍ରେମେ ତାଙ୍କୁ କର ଆଶୀର୍ବାଦ । ୩୬ ।
ପ୍ରେମସ୍ଥାନ ଯେଉଁ ନର ମୋର ଦରଶନ
କଦାପି ଲଭିବ ନାହିଁ ଧ୍ରୁବ ଏ ବଚନ । ୩୭ ।
ପ୍ରେମର ପୁତ୍ତଳି ଯୀଶୁ ପ୍ରେମ ପ୍ରତ୍ୟକ୍ଷ
ନବ ପ୍ରେମ ଘନା ମଣି ଏ ଭବ ଭବନ । ୩୮ ।
ଭଗାଣ୍ଡଙ୍କ ଲାଗି ଅକାତରେ ପ୍ରାଣ ଦାନେ
ଦେଖାଇଲୁ କି ଅଦ୍ଭୁତ ପ୍ରେମ ତ୍ରିଭୁବନେ । ୩୯ ।
କେମନ୍ତ ବର୍ଣ୍ଣିବି ଗ୍ରନ୍ଥେ ! ସେ ପ୍ରେମ କାହାଣୀ
ଯା' ସ୍ମୃତି କୁଠାରେ ହୃଦ ପିଣ୍ଡ ହୁଏ ଫାଟି । ୪୦ ।
ଯେଉଁ ପ୍ରେମ ଦେଖି ସ୍ୱୟେ ଭୂଧର ଟଳିଲା
ସର୍ବଂସହା ବସୁନ୍ଧରା ଉତ୍ସରେ କମ୍ପିଲା । ୪୧ ।
ବାଣ୍ଡବ-ବାସରେ ମୁଖ ଢାଙ୍କିଲା ମାର୍ତ୍ତଣ୍ଡ
ଘୋର ଗରଜନେ ବଜ୍ର ଗର୍ଜିଲା ପ୍ରଚଣ୍ଡ । ୪୨ ।
ପୁଣ୍ୟ ନଗରୀ ମନ୍ଦିର ବିଚ୍ଛେଦ ବସନ
ସ୍ୱତଃ ଚିରଗଲା ମୂର୍ତ୍ତ ଉର୍ଦ୍ଧ୍ୱ ଅଧଃସ୍ଥାନ । ୪୩ ।
ସବଳ ସ୍ତୋତ୍ରିତ ଦେହ କବରୁ ଉଠିତ
ସବଙ୍କ ବଦଳ ଦେଖିହେଲେ ଆଚମ୍ବିତ । ୪୪ ।

Digitized by srujanika@gmail.com

ସହି କ୍ରୁଶେ ଅପମାନ, ଦାରୁଣ ଭୀଷଣ,
ମୁକ୍ତି ତତ୍ତ୍ୱ ପ୍ରକାଶିଲେ ଈଶ୍ୱର ନନ୍ଦନ ।୪୫।
ମାନବ ସନ୍ତାନେ ଦୟା କରି ପ୍ରେମବଶୁଁ,
ନର ପ୍ରାୟଶ୍ଚିତ୍ତ ହେତୁ ହେଲେ ଯଜ୍ଞ ପଶୁ ।୪୬।
ସଂସାରେ ବହିଲେ ନାମ 'ଯୀଶୁ ଯୁବା ମେଷ'
ଅକଳଙ୍କ ପ୍ରେମ ମୂର୍ତ୍ତି ଶୁଭ୍ର ନିଜବେଶ ।୪୭।
କ୍ରୁଶ କାଠ ବେଦୀ କାଲଭେରି ଗିରିପରେ,
ଆହୁତିଲେ ସ୍ୱ ଶରୀର ନର ପ୍ରେମାନଳେ ।୪୮।
ସର୍ବସିଦ୍ଧି ଦାତା ଯୀଶୁ ଛାଡ଼ିଲେ ପରାଣ,
ପ୍ରେମ-ଅମ୍ବା ବଜେ ସ୍ୱର୍ଗେ ସମ୍ପୂର୍ଣ୍ଣ ହୋଇଣ ।୪୯।

—୦—

କାକୂକ୍ତି

ଏତେ ଦୁଃଖ କାହିଁ ଭକତ ଜୀବନେ,
ଦୁଃଖେ କି ଅମୃତ ରଖିଛ ଗୋପନେ ।୧।
ସେ ଅମୃତ ମଦ ପିଇ ପ୍ରେମ ଭୋଳେ,
ଭୁଞ୍ଜେ ସୁଖରାଶି ବସି ଦୁଃଖ କୋଳେ ।୨।
ଅଭକତ ଯେତେ ଅସତ୍ୟ ଆତୁର,
ଆକଣ୍ଠ ସୁଖରେ ଦୁଃଖେ ହୁଏ ଭାଉ ।୩।
ଭୂ ପୃଷ୍ଠ ପଦନ ପରମ ପ୍ରଧାନ,
ତୋ ସୃଷ୍ଟି ରହସ୍ୟ ଅଗୋଚର ଜ୍ଞାନ ।୪।

Digitized by srujanika@gmail.com

ସୁଖ ଦୁଃଖ ଜନ୍ତୁ ତୋଠାଁରେ ସମାନ,
ଗରଳ ଅମୃତ ତୋର ସମଜ୍ଞାନ ।୫।
ଶିଶୁ ପରି ଅଛୁ ଏକାର ବହ୍ମାନ,
ଶିଶୁ ତୋର ଠାଇଁ ସବୁଠୁ ପ୍ରଧାନ ।୬।
ତେଣୁ କି ସେଦିନ ଶିଶୁଟିଏ ଧରି,
ଶିଷ୍ୟଗଣେ ସ୍ୱର କହିଲୁ ଏପରି ।୭।
'ଶିଶୁ ମନ ଭୁଲେ ହେବ ଯା'ର ମନ,
ତୁମ୍ଭ ମଧ୍ୟେ ଶ୍ରେଷ୍ଠ ହେବ ସେହି ଜଣ ।'୮
ଅଛୁ ନାଥ ତିନିଭୁବନେ ପ୍ରଧାନ,
ସେଥିଲାଗି ଶିଶୁ ସୁଲଭ ତୋ ଜ୍ଞାନ ।୯।
ଭାଙ୍ଗିବା ଗଢ଼ିବା ଶିଶୁ ପରି ତବ,
ମୋ ମନକୁ ଲାଗେ ବଡ଼ ଅସମ୍ଭବ ।୧୦।
ପ୍ରତିଦିନ ମୋର୍ ଦେଖୁଛି ନୟନ,
ସନ ହୁଏ ବଡ଼ ବଡ଼ ହୁଏ ସାନ ।୧୧।
ରଖିଛୁ କାହାକୁ ଅମାପ ସୁଖରେ,
ପୁଣି କେ ବୁଡ଼ିଛି ଦାରୁଣ ଦୁଃଖରେ ।୧୭।
ଏଯେ ମାନବନ୍ଧୋ, ଲାଗେ ଅସମ୍ଭବ,
ଏକ ରକ୍ତ ମାଂସ ଅସ୍ଥି ଅବୟବ, ।୧୯।
ଜନ୍ମ ଭିନ୍ନ ଭିନ୍ନ ଯୋଗନ୍ତି ସରବେ,
ଏ କେଉଁ ଭିଆଣ ଭିଆଇଛୁ ଭବେ ।୨୦।
ଆହେ ଦୟାମୟ ଏକ ଲୀଳା ତବ
କେତେଭଳି ପୁଣି ଗଢ଼ିଛୁ ମାନବ ।୨୧।
ସବୁତ ଗଢ଼ିଛୁ ଜଣେ କାରିଗର
ଅପୂର୍ବ ଏ ଶିଳ୍ପ କୌଶଳ ସୁନ୍ଦର ।୨୨।

Digitized by srujanika@gmail.com

ଏକ ପିତାଠାରୁ ହୋଇ ସର୍ବେ ଜନ୍ମ
ଧରିଛନ୍ତି ଭିନ୍ନ ଜ୍ଞାନ ଗୁଣ ଧର୍ମ ।୨୩।

ଶୁଣ ନରବଂଶ ଶୁଭ ସମାଗ୍ରର
ଇଚ୍ଛ ଯେବେ ଭକ୍ତ ହୋଇବାକୁ ପାର । ।୨୪।
ଆସ ମୋର ସଙ୍ଗେ ପଥ ଦେଖ କହି
ଭକ୍ତ-ସିନ୍ଧୁ ତଣ୍ଡି କରା ଅଛି ଧର୍ମ । ୨୫।
ନାହିଁ ଯେବେ ତୋର ଧନ ପୂଣ୍ୟ ଧର୍ମ
ମଳିନ ହୋଇଛି ଯେବେ ତୋ ମରମ । ।୨୬।
ଅଛି କାମ କ୍ରୋଧ ହିଂସା ଆଦି ମନେ
ଅବା ମହାପାପ କରି ସଂଗୋପନେ । ୨୭।
ଦୁଃଖ ଭରେ ଯେବେ ହୋଇଛୁ କାତର,
ହୃଦୟେ ଜଳୁଛି ଅନୁତାପାନଳ ।୨୮।
କେହି ଯେବେ ଆଶ୍ରା ନ ଦିଅନ୍ତି ଲୋକେ,
ପଡ଼ିଥିବା ଯୋଗୁଁ ମହା ପାପ ହ୍ରଦେ ।୨୯।
ଯେବେ ବା କରିଛୁ ପାତକ ଅମାପ
ପାପୀ ବନ୍ଧୁ ସଙ୍ଗେ କରରେ ଆଳାପ ।୩୦।
ଆସିଛନ୍ତି ସେତେ ସ୍ୱର୍ଗ ଧାମରୁ,
ପାପୀଙ୍କ କରିବେ ଉଦ୍ଧାର ପାପରୁ ।୩୧ ।
ପାତକୀ ଅଟଇ ତାହାର ସମ୍ଭ୍ରମ,
ପାତକୀର ଦୁଃଖେ ନର ନାରାୟଣ ।୩୨।
ପାପୀ ପାଇଁ ହୋଇଛନ୍ତି ସ୍ୱାର୍ଥ ତ୍ୟାଗି,
ପାପୀ ପାଇଁ ହେଲେ ମରଣର ଭାଗୀ ।୩୩।
ପୁଣ୍ୟବନ୍ତ ଜନେ ତାଙ୍କ ଲୋଡ଼ା ନାହିଁ,
ପାତକୀକୁ ଏକା କରିଛନ୍ତି ବାଛି ।୩୪।

Digitized by srujanika@gmail.com

ସହୁଛନ୍ତି ଯନ୍ତ୍ରଣା ଦାରୁଣ କଷଣ,
ଯାହେ ମୃତ ଜନେ ଦେବାକୁ ଜୀବନ ।୩୬।
ଏଭଳି ଗାଥା କି ଦେଖିଅଛୁ ଭାଇ
ପ୍ରାଣ ଦେଉଛୁ ପଣ କରେ ପର ପାଇଁ !
ବିଶ୍ୱାସ ଲୋଚନେ ଚାହାଁ ଅନ୍ତର ଭାଇ,
ଦେଖିବୁରେ ଯେବେ ଜଗତ ଗୋସାଇଁ ।୩୭।
ଭବ-ସିନ୍ଧୁ ତଟେ ପ୍ରେମିକ କାଣ୍ଡାରୀ
ରହି ବସିଛନ୍ତି ବାନ୍ଧି ପ୍ରେମ-ତରୀ ।୩୮।
ଯିଶୁ କାଠେ ସେହି ତରୀ ଗଢ଼ିଛନ୍ତି,
ନିଜର ଶୋଣିତେ ସନ୍ଧି ଲେପିଛନ୍ତି ।୩୯।
ନାହିଁ ଫାଙ୍କ ଟିକେ ପାଣି ପିବ ପଶି,
ଅବା ଯୋଡ଼ା ମୁହଁ ପିବ ପଡ଼ି ଖସି ।୪୦।
ପ୍ରବଳ ପବନେ ବୁଡ଼ିବ ନାହିଁ ସେ
ଯେତେ ବୋଝ ହୁଏ ତେତେକ ସେ ଭାସେ ॥
ବିନା ମୂଲ୍ୟ ସେ ତ କରୁଛନ୍ତି ପାର
ସରଳ ବିଶ୍ୱାସ ମାତ୍ର ଦରକାର ।
ଆଦେଶଟି ତାର ଅନ୍ତରେ ରଖିବ
ବିଶ୍ୱାସର ଘରେ ସହଜେ ଭାସିବ ।
ଏତିକି ମାଗୁଣି ପ୍ରେମମୟ ଥରେ
ଯିଶୁ କୃପାଦୃଷ୍ଟି ରଖନ୍ତ ଉପରେ ।
ଶାନ୍ତି ରାଜ୍ୟ ଗଢ଼ ଭକ୍ତି ମୂଳ ତହିଁ
ବସାଅ ପ୍ରଭୁ ହେ ଏ ମୋର ଜନ୍ମ ଭୂଇଁ ।

—o—

Digitized by srujanika@gmail.com

॥ କବିତା ॥

କଣ୍ଟକ କିରୀଟି

ଏକ ଏ ଗୋ ଉଚ୍ଚ ଗିରି ଶୃଙ୍ଗ
କିଶୋର କୁରଙ୍ଗ ପରି ଆସେ ପବନେ ପହଁରି
ବକ୍ଷର ରୁଧିର ବିନ୍ଦୁ ପ୍ରେମର ପ୍ରସଙ୍ଗ
ତରୁଣ ଅରୁଣ ରାଗେ ରଞ୍ଜିତ ଶ୍ରୀଅଙ୍ଗ ।୧।
କାହାର ଏ ଶବଦ ସଧୀରେ
ଉତ୍ତାଳ ସିନ୍ଧୁ ଗର୍ଜନ ଦୂର ଶ୍ରୁତ ଧ୍ୱନି ସମ
ଶୁଭେ କର୍ମ କୋଳାହଳ ମନ୍ଦିରର ମଝିରେ
ଭଙ୍ଗା ଚୂର ହୃଦୟର ଗୋପନ ମନ୍ଦିରେ ।୨।
ଆସେ ଏକ ଏଡ଼ାଇ ଭାଇ ମରଣ
ଏକ ହାତେ କରୁଣାର ଅଖଣ୍ଡ ସୁଧା ଭଣ୍ଡାର
ଆନ ହାତେ ଅଗ୍ନିମୟ ଦଣ୍ଡ ନିର୍ମମ
ହତାଶ ମିଳନ ଏଥେ ମଧୁରେ ଖ୍ରୀଷ୍ଟଣ ।୩।
ଏ କିଏ ଗୋ ଅଜଣା ବିଦେଶୀ
ଆସେ ବୀର ଦର୍ପେ ଗୃହ ଚରଣେ ମରଣ ଦଳି
ଗୋପନ ପ୍ରାଣର ବ୍ୟଥା ସ୍ୱପନେ ଆଶ୍ୱାସି
ଅକଣ ଜୀବନ ସୁନା କାଠିରେ ପରଶି ।୪।
ଆସଇ ସେ ଜମିଷେକ ପାଇଁ
କସ ଯେ ଭାବ କବାଟି ପଁର ମୁହୂର୍ତ୍ତରେ ପୁଣି
ଲୁଟେ ହଟେ କା' ଉଡ଼ାଳେ କନ୍ଦାଇ କନ୍ଦାଇ
ଝୁରିଁବା ଇଛିଲେ ଶୂନ୍ୟ ଯାଏଗୋ ମିଳାଇ ।୫

Digitized by srujanika@gmail.com

ନୟନର ସଲିଳେ ସନ୍ତପ୍ତ
ନିବିଡ଼ ସନ୍ଦେହ ତମ ଉପୁଜାଏ ଚିତ୍ତ ଭ୍ରମ
ଚମକେ ମରମେ କ୍ଷଣେ ଆଶାର ବିଜୁଳି
ନିରାଶା ଅନ୍ଧାରେ ପୁଣି ମରଇ ଅଣ୍ଡାଳି ।୬।

ହେ ଅତିଥି, କ୍ଷମା ଏ ଛଳନା
ଗୃହକ ପ୍ରବାସ ଛାଇଁ ଯେତେକ ଚିତ୍ତ ବକ୍ଷୁ ନାହିଁ
ସ୍ତିମିତ ପ୍ରଦୀପ ମୋର ତରଳ ଲଣ୍ଡାନା
ଭଙ୍ଗା ଛେଲ୍ପ ନଳଟି ମୋ ଯତନେ ଯୋଡନା।

ଆସ ଅନ୍ତେ କଣ୍ଟକ ଦଳିଣି
ମୋ କ୍ଷୁଦ୍ର ରାଜ୍ୟ ପାଟ ସରବ ସମ୍ବଳ ଲୁଣ୍ଠି
ଅଳକ ସୁଖ ସ୍ୱପନ ଯାଉ ହେଲେ ଭୁଙ୍ଗି
ବକ୍ଷେ ରକ୍ତ ଯାଉ ପ୍ରେମ-ଦ୍ରୁଣ କଣ୍ଟା ଫୁଟି ।୮।

ଆସ ଆସ ହେ ରୁଦ୍ର ସୁନ୍ଦର
ଖଞ୍ଜ ସର୍ବସ୍ୱ ଉଜାଡ଼ି କସ ଏ ହୃଦୟୁ ମାଡ଼ି
ଶାଶ୍ୱତ ଆସନ ପାତ, ପ୍ରେମର ଉଜ୍ଜ୍ୱଳ
ଆଲୋକେ ଝଲକ ଉଠୁ ଭଙ୍ଗା ବାଟ ଘର ।୯।

—0—

Digitized by srujanika@gmail.com

ସୁଖ ସ୍ୱପ୍ନ

ମନେ ପଡ଼େ ମୋର ସେ ଦିନ କଥା
ଜଣାଇ ଅନ୍ତରେ ମଧୁର ବ୍ୟଥା,
ସେ ଦିନ ଗଲଣି କାହିଁ ଉଭେଇ
ରହିଛି ଏ ଜୀବ ସ୍ମୃତିଟି ବହି
ଆହା ପୁଣ୍ୟ ଦିନ, ଜୀବନ ପ୍ରଭୁର ହେଲା ଦର୍ଶନ ।୧।

ଉଇଁ ଆସୁଥିଲା ନବମୀ ଜହ୍ନ
ଅପସାରି ନିଶି ତମାବରଣ
ବହୁଥିଲା ମନ୍ଦ ମଳୟାନିଳ
ହସୁଥିଲେ ମୋଦେ ଜଳଜାକୁଳ,
ପିକ କୁହୁତାନେ, ପ୍ରୀତି ଗୀତ ଗାଉଥିଲା ପଞ୍ଚମେ ।୨।

କର୍ମ କୋଳାହଳ ଭଜିଛି ଉଣ
ନିଶା ଆସି ଅଧେ ଗଲଣି ବିତି,
ନିଦ୍ରା ଇନ୍ଦ୍ରଜାଲ ମାୟା ପ୍ରଭାବେ
ଚଞ୍ଚଳା ଧରଣୀ ସୁସୁପ୍ତା ଏବେ,
ନିଶୀଥେ ନଭେଲେ, ଆଲୋକିତ ତରୁ ଚନ୍ଦ୍ରା କଲ୍ଲୋଳେ ।୩।

କୋଟି ଚନ୍ଦ୍ରା ମଧ୍ୟେ ଚନ୍ଦ୍ରାମଣିକ
ଚନ୍ଦ୍ର ଶେଖେ ଶେ ଉଥିଲ ଏକାକୀ,
ଆଚମ୍ବିତେ ମୋର କୁଟୀର ଦ୍ୱାରେ
କରଜ ଅଘାତେଁ ମୃଦୁ ମଧୁରେ,
ଫେଇ ଦେଉଁ ଦ୍ୱାର, ସମ୍ମୁଖେ ଉଭା ମୋ ପ୍ରାଣେଶ୍ୱର ।୪।

Digitized by srujanika@gmail.com

ଶୂନ୍ୟ ସମ୍ଭବ ମଧୁର ସୁନାଦ
ଶୁଣି କ୍ଷଣେ ଶତ୍ରୁ ହେଲ ସ୍ତବ୍ଧ,
ଏଯେ ପ୍ରିୟତମ ସୁଧା ଝରନ୍ତା
ଶ୍ରବଣେ ଗତ ଛାଇ ସେଜ ଶ୍ରୁତ
ଚେତ ମୁଁ ଚାହିଁଲି, ଅରୂପଙ୍କୁ ରୂପମୟ ଦେଖିଲି ।୫।
ଦକ୍ଷ କର ଲମ୍ବି ଦୂ ପାର ବଢତ
ବାମ କଟିତଟେ ତ୍ରିଭୁଜ ଛନ୍ଦେ,
ଜଡ଼ାଥିଲେ କ ଏମନ୍ତ ମଣ୍ଡନେ
ଶ୍ରୀଅଙ୍ଗ ପଛାଙ୍କ ଚନ୍ଦ୍ର କରଣେ,
ଦେଖି ପାପ ଆଖି, ଅନିମିଷେ ଯାହା ରହିଲା ଲାଖି ।୬।
ସ୍ଥାନ ସାବଲ୍ୟତା ଚେତନ ଶୁଦ୍ଧି
ସମ୍ଭାଷଣକୁ ନ ଯୋଗାଏ ବୁଦ୍ଧି,
କର ଯୋଡ଼ି ଜାନୁ ପାତି ସମ୍ମୁଖେ
ରହିଲି ରୂପ ଚାହିଁ ଏକ ରେଖେ,
ସେ ପ୍ରେମ ସାଗର, ଶେଯକୁ ନେଲେ ସତେ ଧଣ କର ।୭।
ଘେନ ପରଶ କୃଷ୍ଣା ଜାଣି ନାଥ
ଆଶ୍ଲେଷ ଭିଡ଼ି ନେଲେ ଧରିବା ହାତ,
ଲଜ୍ଜ ହେଉଁ ମୁଁ ଉଠେ କର ଯୋଡ଼ି
କ ସ୍ନେହରେ ନେଲେ ଗୁଣ୍ଠକ ଭିଡ଼ି,
କହିଲି ଏଣକ, ଚରଣ ସେବାକୁ ଯୋଗ୍ୟ ମୁଁ ନକ ।୮।
ପ୍ରିୟତମ ଶିଷ୍ୟ ଯୋହନ ପରି
କୋଳେ ଆଉଜାଇ ଭୁଜେ ଆବୋରି,
ଚୁମ୍ବନ ବର୍ଷିଲେ ଯେବେ କପୋଳେ
ଉଲସାଇ ତନୁ ପ୍ରେମ ଟାଙ୍କୁରେ,
ଆହାକି ଆମୋଦ, ଜଡ଼ତନ ପରା ହୃଦକୁ ହୃଦ ।୯।

Digitized by srujanika@gmail.com

କହୁଲେ “କ୍ଷମା ଦୁଶ୍ଚିନ୍ତା ତୋ ମନେ
ପ୍ରେକ-ଅଙ୍କ ରୁଦ୍ଧା ଜଗ ଚରଣେ,
ବକ୍ଷ ବଛ୍ଳ ଘାତେ ପ୍ରେମ ପ୍ରସ୍ରୋଧି
ଚଣ୍ଡ ଝୁଣ୍ଟୁଛି ଛଣ୍ଡ ତଳ୍ପମ ନଦୀ,
ଏ ନଦୀ ମଜ୍ଜନେ, ହେବୁ କୃତାର୍ଥ ଅନନ୍ତ ମିଳନେ” । ୧୦
ଅଶେଷ ପ୍ରେମିକ ଆଲିଙ୍ଗନରେ
ମୁଦ୍ଧ ହୋଇ ହଜିଲି ସୀମା ବାହାରେ,
ପୂ ରୁଷ ରୂପୀ ସେ ପ୍ରକୃତି ମୂର୍ତ୍ତି
ଭୁଲି ସେ ଜଗତ ଆପଣା ଦେହ
ମହାନନ୍ଦ କଲେ, ମଜ୍ଜିଥିଲି ସୁଖେ ଅନନ୍ତ କୋଳେ ।୧୧ ।
କପାଳେ ଏ ସୁଖ ସହିଲା ନାହିଁ
ଘଡ଼ିକରେ ଗଲା ରଜନୀ ପାହି
ଆଶା ନଥିଲା କିଛି ସୁଖ ଆଉ
ବଡ଼ ସୁଖେ ଏ ରଜନୀ ପାହୁ
ସେ କି ହୋଇବାର, ନପୂରି ନିୟମ କଡ଼ି କଠୋର ।୧୨।
ସାହା!ତ ପଣ ଏ ସ୍ୱପନ ସଙ୍ଗ
ଲଭିଥିଲି ପ୍ରେମମୟ ଉତ୍ସଙ୍ଗ,
ସ୍ୱପନ ବୋଲି କହିବ କେମନ୍ତେ
ସତ ସତ ହେଲା ପରତେ ମୋତେ,
ଏ ସୁଖ ସ୍ୱପନ, ଦେଖୁଁ ଦେଖୁଁ ଯା ନଗଲା ଜୀବନ ।୧୩।
ନିମିଷ ଦେଖା ସେ ରୂପ ମାଧୁରୀ
ହଜାଇ ଚଉ ଚକୋରୀ ଅଙ୍କୁରି,
ବନ ପବନ ଅନିଳ ଆକାଶେ
ମିଶି ଥିଲା ଭଳି ସେ ଦନ୍ତୁ ଦଶେ
ସାକ୍ଷେ ଥିଲା ପରି, ଧରୁଁ ଧରୁଁ ପୁଣି ନପାରେ ଧରି ।୧୪।

Digitized by srujanika@gmail.com

କେବେ ତାରା ପୁଷ୍ପେ ରୂପ ପ୍ରକାଶ
କେବେ ବା ହୃଦୟେ ସ୍ନିଗ୍ଧ ପରଶ,
କେବେ ସଲିଳେ କେବେ ଅବା ହୁତାଶେ
ନାନା ରୂପେ ନାନା ଭାବେ ପ୍ରକାଶେ,
ତା ରୂପ ଅନନ୍ତ, ମହିମା କେ ପାଇ ପାରିବ ଅନ୍ତ ।୧୫।
ହତଭାଗ୍ୟ ମୁଁ ମନ୍ଦବୁଦ୍ଧି ଜନ
ଶୋଣିତ ଶେଖରକୁ ଯା ଗୁଣ୍ଡ ଦେଲ,
ଅପ୍ରୟୋଜନେ ଯା' କଲେ ପ୍ରେମ
ତ୍ରିଭୁବନ ସାର ବିଶ୍ରାମ ଧାମ,
ଏବେ କୃଷ୍ଣ ଥାଉଁ; ଚରଣ ସେବ ସୁନ୍ଦରାଣ ଦେଉ ।୧୬।

—o—

ପ୍ରଭାତ

ସ୍ୱାଗତ ହେ ନବୀନ ପ୍ରଭାତ ୦
କାନ୍ତ କନକ ସୁନ୍ଦର   କଳରବ କଳା ମଞ୍ଜୁଳ
ଭକତ ଆରତି ଗୀତ ଧ୍ୱନିରେ ଧୂପିତ
ଭକ୍ତ ପ୍ରେମାଞ୍ଜଳି ପୂଜା ଫୁଲ ସୁରଭିତ । ୧ ।
ସ୍ୱାଗତ ହେ ଚଞ୍ଚଳ ପ୍ରଭାତ ।
ଅରୁଣର ପକ୍ଷ ଧରି   ଏ ମାୟା ଜଗତେ ଉତରି
ଆଶା ଉଦ୍ଦୀପନା ଉନ୍ମାଦନା ପୁଣ୍ୟବନ୍ତ
ଜୀବନ ଉତ୍ତରି କର ଧନ୍ୟ ଉଦ୍‌ବୋଧିତ । ୨ ।
ସ୍ୱାଗତ ହେ ଅମଳ ପ୍ରଭାତ
ଅମର ସ୍ୱର୍ଗର କଥା   ଅନନ୍ତ ପ୍ରେମର ଗାଥା
ଦାରୁଣ କ୍ରୁଶର ବ୍ୟଥା କରୁଣ ସଂଗୀତ
ଏ ଜଗତ ଭରିତେ ଗାଇ କର ସଞ୍ଜୀବିତ । ୩ ।
ମହୋଲ୍ଲାସେ କ୍ରୁଶର କୀର୍ତ୍ତି
ମନ୍ଦଗନ୍ଧ ସମୀରଣେ   ଭ୍ରମର କୋକିଳ ସ୍ୱନେ
ଶୁଣାଅ ହେ ଘରେ ଘରେ କଦାରୁଣ ଗୀତ
ବାଇବ ସଙ୍ଗତେ ମୋର ଦବଗ୍ଧ ବୀଣାଟି । ୪ ।
ଅବଗାହ୍ୟ ଆଶୀଷ ଶିଶିରେ
ବିଧାତାର ଶ୍ରେଷ୍ଠବର   ମୁକ୍ତି ଶୁଭ ସମାଚାର
ସ୍ୱାଧୀନତା ଧନ ଭରତରେ ନରର ଘରେ
ଜଗର ଜଗର ସୁଖେ ପ୍ରଭାତ, ସମୀରେ । ୫ ।

—୦—

Digitized by srujanika@gmail.com

ଆହ୍ୱାନ

ହେ ନବ ବରଷ ଶ୍ରୀ ଯୀଶୁ ପରଶ
ନେଇ ଆସ ଆସ ଧରଣୀ ତଳେ,
ଲୁଟି ସୁରପୁର ଆଶୀଷ ଭଣ୍ଡାର
ଉଲ୍ଲାସେ ଖେଳର ଗଗନ ତଳେ ।
ତୁମ ଆଗମନ ଜଗାଉ ନବୀନ
ସ୍ପନ୍ଦନ, ଜୀବନ-ବିପଞ୍ଚୀ ତ ଟରେ,
ଯୀଶୁ ମହାପ୍ରେମ ଗୀତି ମନୋରମ
ଶୁଭୁ ନିଃସ୍ୱନ ସେଇ ଝଙ୍କାରେ ।
ଆସୁ ଅବତରି ଶାନ୍ତ ସୁଖ ସ୍ନିଗ୍ଧ
ରଚୁ ସ୍ୱର୍ଗପୁରୀ ମର ମଣ୍ଡଳେ,
ହିଂସା ଅହଂକାର ହୋଇଯାଉ ଧ୍ୱଂସ
ଖ୍ରୀଷ୍ଟ ଜୀବନ୍ୟାସ ମନ୍ତ୍ରର ବଳେ ।
ସ୍ୱାର୍ଥ ଅହଙ୍କାର ଦୁର୍ଦ୍ଧର୍ଷ ଦୁର୍ବାର
କପଟ ଆସୁର ଦାମ୍ଭିକ ପଣ,
ଆଳସ୍ୟ ବିଳାସ ଦ୍ୱେଷ ଅସନ୍ତୋଷ
ଘୃଣ୍ୟ ଅଭିଳାଷ ଅପକ୍ରମ ।
ହୀନତା ଦୀନତା ପ୍ରେମ କୃପଣତା
ପାପପ୍ରବଣତା ନିର୍ମୂଳ ହେଉ,
କାଳବକ୍ଷ ଚିରି ପୁଣ୍ୟ ଭକ୍ତି ଧାର
ପାପ ବସୁନ୍ଧରା ପଖାଳି ଦେଉ ।

Digitized by srujanika@gmail.com

ଝରିଁ ଆସୁ ଧୀର ମଣୀଙ୍କ ମନ୍ଦିର
ଚଉ ଚନ୍ଦ୍ରକାନ୍ତ ଆଲୋକେ ଭଞ୍ଜି,
ହୃତ କୋକନଦ ଲଭୁ ଆହ୍ଲାଦ
ପ୍ରାଣଭକ୍ତ ଉତ୍ସ ଲୋକନ କରୁ ।
ନବୀନ ପ୍ରେରଣା ନବ ଉଦ୍ଦୀପନା
ପ୍ରେମ ଉନ୍ମାଦନା ଅନ୍ତର ଯାଞ୍ଚୁ;
ଭକ୍ତ ନତ ଧୂଳି ପ୍ରଗାଢ଼ ପ୍ରଶାନ୍ତ
ଶରଣଦ ମନ୍ତ୍ର ଚରଣେ 'ଆଜି !
ଏ ଆଶା ବ୍ରତତି ହେଉ ଫଳବତୀ
ଶ୍ରୀ ଯୀଶୁ ସଙ୍ଗତ ସୁରସ ଘାଇ
ଦେହ ମନ ପ୍ରାଣ କଲି ସମର୍ପଣ
ଭବେ ତାହା ଭିନ୍ନ ମୁକତି ନାହିଁ ।

—o—

ସମାପ୍ତ

ଅଶୋକ ପ୍ରେସ, କେନ୍ଦ୍ରାପଡ଼ାରୁ ମୁଦ୍ରିତ

Digitized by srujanika@gmail.com